Harsika Media
24x7 News Channel
ଏକ ନୂଆ ଆହ୍ୱାନ..

THE HARSIKA
# ହର୍ଷିକା
ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର

PRIG No. :ORORI/26/A0387
A Unit of Harsika Media

Web : www.harsikamedia.in.net
Facebook : Harsika Media
Youtube : Harsika Media

• VOL. NO. 01 • ISSUE NO. 04 • CUTTACK • WEEKLY • 16 - 22 FEBRUARY, 2026 • RS. 7.00 • PAGE-8
• ଭାଗ-୦୧ • ସଂଖ୍ୟା-୦୪ • କଟକ • ସାପ୍ତାହିକ • ୧୬ - ୨୨ ଫେବୃଆରୀ ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮

"କାତରତା ସିନା କାପୁରୁଷ ପଣ
ବୀର ମରେ ଅବା ମରେ କରି ରଣ
ପଛଘୁଞ୍ଚା ନାହିଁ ବୀର ର ଜାତକେ
ନ ମରେ ସେ କେବେ ପରାଣ ଆତଙ୍କେ"

—ଉତ୍କଳମଣୀ
ଗୋପବନ୍ଧୁ ଦାସ



■ ଘରକୁ ଘର ବୁଲିବେ ବିଏଲଓ

## ଏପ୍ରିଲରୁ ଓଡ଼ିଶାରେ ଏସ୍ଆଇଆର୍

ଭୁବନେଶ୍ୱର, ୧୨/୦୨ : ଓଡ଼ିଶାରେ ଭୋଟର ତାଲିକାର ହେବ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) । ଏପ୍ରିଲରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ରାଜ୍ୟରେ ୨୦୦୨ ଏସଆଇଆର ସମୟର ଭୋଟର ତାଲିକା ଓ ୨୦୨୫ ଭୋଟର ତାଲିକାର ମେଳ (ମ୍ୟାପିଂ) ଜୋରସୋରରେ ଚାଲିଛି । ଏବେ ସୁଦ୍ଧା ୮୦% ମତଦାତାଙ୍କ ମ୍ୟାପିଂ ସରିଲାଣି । ଚଳିତ ମାସ ଶେଷ ସୁଦ୍ଧା ଭୋଟର ମ୍ୟାପିଂ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ୧୨ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଚାଲିଥିବାବେଳେ ଓଡ଼ିଶାରେ ଏ ଦିଗରେ ପ୍ରକ୍ରିୟା ଆଗେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) । ସିଇଓ କାର୍ଯ୍ୟାଳୟ ପକ୍ଷରୁ ଭୋଟରଙ୍କ ମ୍ୟାପିଂ ନେଇ ବିଜ୍ଞାପନ ମାଧ୍ୟମରେ ବିସ୍ତୃତ ସୂଚନା ଜାରି କରାଯାଇଛି । ୨୦୦୨ରେ ଶେଷ ଥର ପାଇଁ ଓଡ଼ିଶାରେ ଏସଆଇଆର କରାଯାଇଥିଲା । ୨୦୦୨ (ଏସଆଇଆର ସମୟର) ଭୋଟର ତାଲିକା ଓ ୨୦୨୫ ତାଲିକାକୁ ସମ୍ମିଳିତ କରି ଭୋଟରଙ୍କୁ ମ୍ୟାପିଂ କରାଯାଉଛି । ଏ ସମସ୍ତ ତଥ୍ୟ ଘରେ ବସି ଭୋଟର ଆରାମରେ ପାଇପାରିବେ । ଇସିଆଇ ୱେବସାଇଟରେ (voters.eci.gov.in) ଶେଷ ଏସଆଇଆର ତଥ୍ୟକୁ କ୍ଲିକ କରି ୨୦୦୨ର ଭୋଟର ତାଲିକା ଯାଞ୍ଚ କରିପାରିବେ । ୨୦୦୨ ତାଲିକାରେ ନାମ ନଥିଲେ ତାଲିକାରୁ ନିଜ ବାପା, ମା', ଜେଜେ ବାପା, ଜେଜେ ମା'ଙ୍କ ନାମ ଯାଞ୍ଚ କରି ବିଏଲଓ (ବୁଥସ୍ତରୀୟ ଅଧିକାରୀ)ଙ୍କୁ ତଥ୍ୟ ଜଣାଇବାକୁ ହେବ । ଇସିଆଇ ନେଟ ମୋବାଇଲ୍ ଆପ୍‌ରୁ ମଧ୍ୟ ଏ ତଥ୍ୟ ମିଳିପାରିବ । ପୃଷ୍ଠା-୩



## ଭାରତକୁ ଆସିବ ରାଫେଲ ଲଢୁଆ ବିମାନ

ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଗୁରୁବାର ୧୧୪ଟି ରାଫେଲ ଲଢୁଆ ବିମାନ କ୍ରୟକୁ ମଞ୍ଜୁରୀ ଦେଇଛି । ଭାରତୀୟ ବାୟୁସେନାର କାର୍ଯ୍ୟକ୍ଷମ କ୍ଷମତାକୁ ବୃଦ୍ଧି କରିବା ପାଇଁ ବଡ ପଦକ୍ଷେପ ନେଇଛି ଡିଏସି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଗସ୍ତ ପୂର୍ବରୁ ଏହି ମେଗା ଚୁକ୍ତି ମଞ୍ଜୁରୀ ହୋଇଛି । ୩.୨୫ ଲକ୍ଷ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି । ଭାରତ ସର୍ବବୃହତ ଲଢୁଆ ବିମାନ ରାଫେଲ କ୍ରୟ କରିବା ପାଇଁ ଫ୍ରାନ୍ସ ସହ ୩.୨୫ ଲକ୍ଷ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ କରିଛି । ଡାସଲ୍ଟ ଆଭିଏସନ୍ ସହିତ ଏହି ଆନୁଷ୍ଠାନିକ ଆଲୋଚନା ହୋଇଛି । ଭାରତୀୟ ବାୟୁସେନା ଏକ ତୀବ୍ର ସ୍କ୍ୱାର୍ଡନ ଅଭାବ ସହିତ ସଂଘର୍ଷ ଭିତରେ ଏହି ଘୋଷଣା ହୋଇଛି । ଭାରତର ଚିକେନ ନେକ ସମେତ ପଶ୍ଚିମସୀମା ଏବଂ ଉତ୍ତର ସୀମାରେ ବଢୁଥିବା ବିପଦ ଧାରଣା ମଧ୍ୟରେ ୪୨ ଟି ଅନୁମୋଦିତ ଶକ୍ତି ବିରୁଦ୍ଧରେ ପ୍ରାୟ ୨୯ ଟି ଲଢୁଆ ସ୍କ୍ୱାର୍ଡନ କାର୍ଯ୍ୟ କରୁଛି । ଯୋଜନା ଅନୁଯାୟୀ, ୧୮ଟି ଜେଟ୍ ସମ୍ପୂର୍ଣ୍ଣ ଅବସ୍ଥାରେ ଯୋଗାଇ ଦିଆଯିବ ଓ ବାକି ୯୬ଟି ଖୁଚୁରା ଯନ୍ତ୍ରାଂଶଆସି ଭାରତ ଡାସଲ୍ଟ ଏଭିଏସନ୍ ରେ ଯୋଡ଼ାଯିବ । ଏହାର ପ୍ରାୟ ୮୦ପ୍ରତିଶତ ଘରୋଇ ଭାବରେ ନିର୍ମିତ ହେବାର ଆକଳନ କରାଯାଇଛି । ଅନ୍ୟଏକ ସୂଚନା ଅନୁଯାୟୀ ୧୧୪ଟି ଜେଟ ମଧ୍ୟରୁ ୮୮ ଟି ସିଙ୍ଗଲ୍-ସିଟ୍ ଏବଂ ୨୬ ଟି ଡବଲ-ସିଟ୍ ରହିବ । ବାୟୁସେନା ୨୦୨୦ ଜୁଲାଇରେ ୫ଟି ରାଫେଲ ଜେଟ କିଣିଥିଲା । ଯାହା ସେତେବେଳେ ବାୟୁସେନାର ଅମ୍ବାଲା ଘାଟିକୁ ଯୋଗାଇ ଦିଆଯାଇଥିଲା ।

୧୭ରୁ କମ୍ପିବ ଓଡ଼ିଶା ବିଧାନସଭା; ରଣନୀତି ପ୍ରସ୍ତୁତିରେ ୩ ରାଜନୈତିକ ଦଳ

## ଲମ୍ବା ଅବଧି ପ୍ରସଙ୍ଗ ମାଳମାଳ

ଭୁବନେଶ୍ୱର, : ବିଧାନସଭା ବଜେଟ ଅଧିବେଶନ ପାଇଁ ଉଭୟ ବିରୋଧୀ ଓ ଶାସକ ଦଳ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ଆସନ୍ତା ୧୬ ତାରିଖରେ ମୁଖ୍ୟ ବିରୋଧୀ ଦଳ ବିଜେଡି କରିବ ବିଧାୟକ ଦଳ ବୈଠକ । ଯେଉଁଥିଲେ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରିବ ଦଳ । ଚାଷୀ, ଧାନମଣ୍ଡି, ପ୍ରଦୂଷଣ, ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ନାରୀ ନିର୍ଯାତନା ପରି ମାଳମାଳ ପ୍ରସଙ୍ଗ ଗୃହରେ ଉଠାଇବ ଦଳ । କଂଗ୍ରେସ ମଧ୍ୟ ଚାଷୀରୁ ବିଜୁଳି ଯାଏଁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଜବାବ ମାଗିବ । ସେପଟେ ଶାସକ ଦଳ କହିଛି, ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ ଆମେ ଉତ୍ତର ଦେବାକୁ ପ୍ରସ୍ତୁତ ଅଛୁ ।




୧୯ ମାସର ବିଜେପି ସରକାର ଚାଲୁଛି କମ, ଝୁଣ୍ଟୁଛି ଅଧିକ । ନିଷ୍ପତ୍ତି ନେବାରେ ବି ବିଫଳ ସରକାର । ଗାଁ ଗାଁରେ ବିକାଶ କାମ ଠପ । ନିର୍ବାଚନୀ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ପ୍ରଦୂଷଣ ସାର୍ଟିଫିକେଟ କଟକଣା, ଧାନ ମଣ୍ଡିରୁ ଧାନ ନ ଉଠିବା ଓ ଚାଷୀ ନିର୍ଯାତନାର ପୃଷ୍ଠା-୩

## ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ



ଭୁବନେଶ୍ୱର, : ପରଲୋକରେ କାହ୍ନୁ ଚରଣ ଲେଙ୍କା । ଆଉ ନାହାଁନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା । ୮୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି । ଭୁବନେଶ୍ୱର ବିଜେବି ନଗର ସ୍ଥିତ ବାସ ଭବନରେ କାହ୍ନୁ ଲେଙ୍କା ଙ୍କ ମର ଶରୀରକୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ।




ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ

## ୧୫ ସୂତ୍ରୀ ଫର୍ମୁଲାର ମୁଖ୍ୟ ଓଡ଼ିଆ ଭାଷାକୁ ହତାଦାର




ଭୁବନେଶ୍ୱର : ନିର୍ଦ୍ଦେଶ ପରେ ନିର୍ଦ୍ଦେଶ ଦିଆଯାଉଛି, ଓଡ଼ିଆ ଭାଷାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରିବା ପାଇଁ । ହେଲେ କିଛି ଅମାନିଆ ବାବୁଙ୍କର ଓଡ଼ିଆ ଭାଷା ପ୍ରତି ହୀନମନ୍ୟତା ଯାଉନି । ଯାହାଦ୍ୱାରା ପ୍ରଶାସନିକସ୍ତରରେ ଓଡ଼ିଆ ଭାଷା ଠିକରେ କାର୍ଯ୍ୟକାରୀ ହୋଇପାରୁନାହିଁ । ଗତ ଡିସେମ୍ବର ୩୧ରେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ । ଆଉ ୧ ତାରିଖରେ ତୃତୀୟ ମହଲାକୁ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଶାସନତନ୍ତ୍ର କେମିତି ଚାଲିବ ସେନେଇ ୧୫ ସୂତ୍ରୀ ଫର୍ମୂଲା ଦେଇଥିଲେ ମୁଖ୍ୟମନ୍ତ୍ରୀ । ଏହି ୧୫ ସୂତ୍ରୀ ଫର୍ମୂଲା ଭିତରେ ସବୁଠୁ ବଡ଼ ନିର୍ଦ୍ଦେଶ ଥିଲା ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ କରିବା । ତାପରେ ପ୍ରତ୍ୟେକ ବିଭାଗର ସମୀକ୍ଷା ବୈଠକରେ ଓଡ଼ିଆ ଭାଷାରେ ପ୍ରଶାସନିକ କାର୍ଯ୍ୟ କରିବାକୁ ବାବୁ, ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା । ହେଲେ ଏଥିରେ ବଡ଼ ବିଲକ୍ଷଣ ଦେଖିବାକୁ ମିଳୁଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ ଫୁ କରି ଉଡ଼ାଇ ଦେଉଛନ୍ତି ଲୋକସେବା ଭବନର ବାବୁ ଓ ଅଧିକାରୀ । ଖୋଦ୍ ଗୃହ, ଅର୍ଥ ଓ ସାଧାରଣ ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ । ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ବାବୁ । କେବଳ ଲୋକସେବା ଭବନ ନୁହେଁ ଜିଲ୍ଲାସ୍ତରରେ ମଧ୍ୟ ଓଡ଼ିଆ ଭାଷାର ବ୍ୟବହାର ପାଇଁ ନାକ ଟେକୁଛନ୍ତି ବାବୁ ଓ ଅଧିକାରୀ । ପ୍ରଶ୍ନ ଉଠୁଛି, କାହିଁକି ଓଡ଼ିଆ ଭାଷାରେ ଚିଠିକୁ ଗୁରୁତ୍ୱ ଦେଉନାହିଁ ବିଭାଗ ? ନିର୍ଦ୍ଦେଶ ପାଳନ କରୁନଥିବା ବାବୁଙ୍କ ଉପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ? ଇଂରାଜୀରେ ଚିଠି କରିବାକୁ ଯେପରି ପଣ କରିଛନ୍ତି ଓଡ଼ିଆ ବାବୁ । ମାତୃଭାଷା ପ୍ରତି ଏତେ ହୀନମନ୍ୟତା କାହିଁକି ? ଓଡ଼ିଆ ଭାଷାର ବ୍ୟବହାର କେବଳ ନିର୍ଦ୍ଦେଶନାମା ଓ ନାରାବାଜିରେ ଅଟକି ରହିଛି । ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବାବୁଙ୍କ ଖାମଖିଆଲି ମଧ୍ୟ ବଢୁଛି ।

## ● ଦୁର୍ଘଟଣାରେ ଚାଲିଗଲା

# ୬ ସାଙ୍ଗଙ୍କ ଜୀବନ

ରାଜସ୍ଥାନ : ରାଜସ୍ଥାନ ଦୌସାରେ ହୃଦୟ ବିଦାରକ ଘଟଣା ଘଟିଛି। ଜାତୀୟ ରାଜପଥ-୨୧ ରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ଯୁବକଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ କୈଲାଇ ବସଷ୍ଟାଣ୍ଡ ନିକଟରେ ସଡକ ଦୁର୍ଘଟଣାରେ ୬ ଜଣ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ସମସ୍ତ ଯୁବକ ସିକନ୍ଦରା ଥାନା ଅଞ୍ଚଳର



କାଲାଖୋରର ବାସିନ୍ଦା ବୋଲି ଜଣାପଡ଼ିଛି। ସମସ୍ତେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିଲେ। ଦୁର୍ଘଟଣାରେ ଯୁବକମାନେ ବସିଥିବା କାରଟି ସମ୍ପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ବହୁ ଚେଷ୍ଟା ପରେ କାରରୁ ଯୁବକମାନଙ୍କ ମୃତଦେହକୁ ବାହାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ରାଜପଥରେ କାରଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ପରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ମୃତକମାନେ ହେଲେ ଅଙ୍କିତ, ସମୟ ସିଂହ, ଲୋକେଶ, ନବୀନ, ଦିଲଖୁଶ ଏବଂ ମନୀଷ । ଖବର ପାଇବା ମାତ୍ରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି।

# 'ସେବା ତୀର୍ଥ' ଉଦ୍‌ଘାଟିତ



ନୂଆଦିଲ୍ଲୀ : ଭାରତର ସବୁଠାରୁ ଶକ୍ତିଶାଳୀ କ୍ଷମତା କେନ୍ଦ୍ରର ଠିକଣା ବଦଳି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେବା ତୀର୍ଥକୁ ଉଦଘାଟନ କରିଛନ୍ତି। ଏହି ନୂଆ ତଥା ଅତ୍ୟାଧୁନିକ କମ୍ପ୍ଲେକ୍ସରେ ରହିଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ପିଏମଓ। ସ୍ୱାଧୀନତା ପରେ ପ୍ରଥମଥର ପାଇଁ ପିଏମଓର ଠିକଣା ବଦଳିଛି। ୧୯୪୭ ଭାରତର ସ୍ୱାଧୀନତା ପରଠାରୁ ପିଏମଓ ସାଉଥ ବ୍ଲକରେ ରହିଥିଲା। ହେଲେ ଏବେ ଏହାର ଠିକଣା ସେବା ତୀର୍ଥ କମ୍ପ୍ଲେକ୍ସକୁ ବଦଳି ଯାଇଛି। ଅପରାହ୍ନରେ ପ୍ରଧାନମନ୍ତ୍ରୀ ମୋଦି ନୂଆ ସେବା ତୀର୍ଥ ବିଲଡିଂର ନାଁ ଉନ୍ମୋଚନ କରିଛନ୍ତି। ସନ୍ଧ୍ୟାରେ ସେ ବିଧିବଦ୍ଧ ଭାବେ ସେବା ତୀର୍ଥ ସହ 'କର୍ତ୍ତବ୍ୟ ଭବନ-୧ ଓ ୨'ର ଉଦଘାଟନ କରିବେ। ସେହିପରି ସନ୍ଧ୍ୟାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧନ କରିବେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସାଉଥ୍ ବ୍ଲକରେ କେନ୍ଦ୍ର କ୍ୟାବିନେଟର ଶେଷ ବୈଠକରେ ମଧ୍ୟ ଅଧ୍ୟକ୍ଷତା କରିବେ। ଶୁକ୍ରବାର ଅପରାହ୍ଣ ୪ଟାରେ ସାଉଥ ବ୍ଲକରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ବୈଠକ ଶେଷ ହେବା ପରେ ପିଏମ୍ଓ ତୁରନ୍ତ 'ସେବା ତୀର୍ଥ'କୁ ସ୍ଥାନାନ୍ତରିତ ହୋଇଯିବ। 'ସେବା ତୀର୍ଥ'ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି। ଏଗୁଡ଼ିକ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ରହିଥିଲା। 'କର୍ତ୍ତବ୍ୟ ଭବନ-୧ ଓ ୨'ରେ ଅର୍ଥ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ। ଉଭୟ ବିଲ୍ଡିଂ କମ୍ପ୍ଲେକ୍ସରେ ଡିଜିଟାଲ୍ ସଂଯୁକ୍ତ କାର୍ଯ୍ୟାଳୟ, ସୁବ୍ୟବସ୍ଥିତ ସର୍ବସାଧାରଣ ଯୋଗାଯୋଗ ଜୋନ୍ ଓ କେନ୍ଦ୍ରୀକୃତ ସ୍ୱାଗତ ସୁବିଧା ବା ରିସେପ୍ସନ ବ୍ୟବସ୍ଥା ରହିଛି। ଏହି ବୈଶିଷ୍ଟ୍ୟଗୁଡ଼ିକ ସହଯୋଗ, ଦକ୍ଷତା, ନିରବଚ୍ଛିନ୍ନ ଶାସନ, ଉନ୍ନତ ନାଗରିକ ସମ୍ପୃକ୍ତି ଓ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ୪-ଷ୍ଟାର ଜିଆରଆଇଏଚଏ ମାନକ ଅନୁଯାୟୀ ପରିକଳ୍ପିତ ଏହି କମ୍ପ୍ଲେକ୍ସଗୁଡ଼ିକରେ ଅକ୍ଷୟ ଶକ୍ତି ବ୍ୟବସ୍ଥା, ଜଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ସମାଧାନ ଓ ଉଚ୍ଚ-କ୍ଷମତା ସମ୍ପନ୍ନ ଅଟ୍ଟାଳିକା ଅନ୍ତର୍ଭୁକ୍ତ କରାଯାଇଛି।


ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ। ବିଲ୍ଡିଂ ପରିସରରେ ସ୍ମାର୍ଟ ଆକ୍ସେସ୍ କଣ୍ଟ୍ରୋଲ ସିଷ୍ଟମ, ସର୍ଭେଲାନ୍ସ ନେଟୱାର୍କ ଓ ଉନ୍ନତ ଜରୁରୀକାଳୀନ ଭିତ୍ତିଭୂମି ଭଳି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଅଧିକାରୀ ଓ ପରିଦର୍ଶକଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ନିଶ୍ଚିତ କରିବ ବୋଲି ସରକାର କହିଛନ୍ତି। ସେବା ତୀର୍ଥ ଉଦଘାଟନକୁ ସରକାର ସଂସ୍କାର ଦିଗରେ ଗୋଟିଏ ମାଇଲଖୁଣ୍ଟ ଭାବେ ଚିତ୍ରିତ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ଆଜିର ଦିନକୁ ସ୍ମରଣୀୟ କରିବାକୁ ୧୦୦ ଟଙ୍କିଆ କଏନ ମଧ୍ୟ ରିଲିଜ କରିଛନ୍ତି। ସାଉଥ ଓ ନର୍ଥ ବ୍ଲକରୁ ସବୁ ଅଫିସ ନୂଆ ଠିକଣାକୁ ଚାଲି ଯିବା ପରେ ଉକ୍ତ ସ୍ଥାନକୁ ସାଧାରଣ ଲୋକଙ୍କ ମ୍ୟୁଜିୟମ ଭାବେ ବିବେଚନା କରାଯିବ। 'Yuge Yugeen Bharat Sangrahalaya' ଭାବେ ଏହା ନାମିତ ହେବ। ଏହି ପ୍ରସ୍ତାବିତ ସଂଗ୍ରହାଳୟରେ ବୈଷୟିକ ସହାୟତା ପାଇଁ ଫ୍ରାନ୍ସ ମ୍ୟୁଜିୟମ ଡେଭଲପମେଣ୍ଟ ଏଜେନ୍ସି ସହ ଭାରତ ସରକାର ୨୦୨୪ ଡିସେମ୍ବର ୨୪ରେ ଗୋଟିଏ ଚୁକ୍ତି କରି ସାରିଛନ୍ତି। ସଂପୂର୍ଣ୍ଣ ସେବା ତୀର୍ଥ କମ୍ପ୍ଲେକ୍ସକୁ ୧୧୮୯ କୋଟି ଟଙ୍କା ବଳରେ ଲାର୍ସେନ ଆଣ୍ଡ ଟ୍ୟୁବୋର ତିଆରି କରିଛି। ୨,୨୬,୨୦୩ ବର୍ଗ ଫୁଟ ଅଞ୍ଚଳରେ ଏହି ବିଶାଳ କମ୍ପ୍ଲେକ୍ସ ରହିଛି। ପ୍ରଧାନମନ୍ତ୍ରୀଙ୍କ ନୂଆ ସରକାରୀ ବାସଭବନ ଏକ୍ଜ୍ୟୁକେଟିଭ ଏନକ୍ଲେଭ ପାର୍ଟ ୨ର ନିର୍ମାଣ କାମ ମଧ୍ୟ ଏବେ ଚାଲିଛି। ଏହାପୂର୍ବରୁ ମୋଦି ସରକାର ନୂଆଦିଲ୍ଲୀର ପ୍ରସିଦ୍ଧ ରାଜପଥର ନାଁକୁ କର୍ତ୍ତବ୍ୟ ପଥ ଭାବେ ନାମିତ କରିଥିଲେ। ଏବେ ପିଏମଓ ମଧ୍ୟ ନୂଆ ଅଫିସରେ ଚାଲିବ।

● କୋଠାରେ ଲେଖା ହୋଇଛି 'ନାଗରିକ ଦେବୋ ଭବ'
● ଡାକଟିକେଟ ଓ ମୁଦ୍ରା ଜାରି

## ୨୦ ବର୍ଷ ପରେ ବିଏନ୍‌ପିର ଐତିହାସିକ ବିଜୟ

# ତାରିକ ରହେମାନ୍ ହେବେ ପ୍ରଧାନମନ୍ତ୍ରୀ

**ଢାକା :** ଦୀର୍ଘ ଦୁଇ ଦଶନ୍ଧି ପରେ ବାଂଲାଦେଶର ଶାସନ କ୍ଷମତାକୁ ଫେରିଛି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ ପି)। ଅନୁଷ୍ଠିତ ଦେଶର ସଂସଦୀୟ ନିର୍ବାଚନରେ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନ୍ ପି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ଐତିହାସିକ ସଫଳତା ପାଇଛି। ବାଂଲାଦେଶ ନିର୍ବାଚନ କମିସନଙ୍କ ସଦ୍ୟତମ ତଥ୍ୟ ଅନୁଯାୟୀ, ମୋଟ ୨୯୯ଟି ଆସନରୁ ବିଏନ୍‌ପି ମୋଟ ୨୧୨ଟି ଆସନ ଜିତି ସରକାର ଗଠନ କରିଛି। ଅନ୍ୟପଟେ ଇସଲାମିକ୍ ଦଳ ଜମାତ-ଏ-ଇସଲାମୀ ୭୭ ଆସନ ସହ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। ଛାତ୍ର ଆନ୍ଦୋଳନରୁ ଜନ୍ମ ନେଇଥିବା 'ନ୍ୟାସ୍ ନାଲ ସିଟିଜେନ୍ ପାର୍ଟି' (ଏନ୍ ସିପି) ମାତ୍ର ୫-୬ଟି ଆସନରେ ସୀମିତ ରହିଛି। ଚଳିତ ନିର୍ବାଚନରେ ମୋଟ ୫୯.୪୪% ମତଦାନ ହୋଇଥିବା ରେକର୍ଡ କରାଯାଇଛି। ୧୭ ବର୍ଷର ନିର୍ବାସନ ପରେ ସ୍ୱଦେଶ ଫେରିଥିବା ତାରିକ ରହମାନ ବୋଗରା-୬ ଏବଂ ଢାକା-୧୭ ଉଭୟ ଆସନରୁ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ସୂଚନା ମୁତାବକ, ସେ ଆସନ୍ତାକାଲି ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ମା' ଖାଲେଦା ଜିଆଙ୍କ ବିୟୋଗ ଯୋଗୁଁ ସେ ନିର୍ବାଚନୀ ବିଜୟ ଉତ୍ସବ ପାଳନ ନ କରିବାକୁ କର୍ମୀଙ୍କୁ ଅନୁରୋଧ କରିଛନ୍ତି ଏବଂ




ଶୁକ୍ରବାର ଦେଶବ୍ୟାପୀ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଆୟୋଜନ କରାଯାଇଛି।

ବିଏନ୍ ପିର ବିଜୟ ଯୋଗୁ ଭାରତ-ବାଂଲାଦେଶ ସଂପର୍କରେ ଦ୍ରୁତ ସୁଧାର ହେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାରିକ ରହମାନଙ୍କୁ ଫୋନ୍ କରି ଶୁଭେଚ୍ଛା ଜଣାଇବା ସହ ଏକ ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ବାଂଲାଦେଶ ଗଠନରେ ଭାରତର ସହଯୋଗ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ କହିଛନ୍ତି ଯେ ଏହି ବିଜୟ ବାଂଲାଦେଶବାସୀଙ୍କ ଆସ୍ଥା ଓ ଜନାଦେଶର ପ୍ରତିଫଳନ। ମୋଦୀଙ୍କ ଏହି ବାର୍ତ୍ତା ପୂର୍ବ ତିକ୍ତତାକୁ ଦୂର କରି ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣି ଥରେ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

ଆମେରିକା ଏବଂ ପାକିସ୍ତାନର ଶୀର୍ଷ ନେତୃତ୍ୱ ମଧ୍ୟ ଏହି ଐତିହାସିକ ବିଜୟ ପାଇଁ ବିଏନ୍ ପିକୁ ଅଭିନନ୍ଦନ ଜଣାଇଛନ୍ତି। ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରର ବିଦାୟ ପରେ ଏବେ ନୂତନ ସରକାର ପାଇଁ ଅର୍ଥନୈତିକ ସ୍ଥିରତା, ଦୁର୍ନୀତି ନିବାରଣ ଓ ସଂଖ୍ୟାଲଘୁଙ୍କ ସୁରକ୍ଷା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ।

# ମାର୍ଚ୍ଚ ୯ ଯାଏଁ ସଂସଦ ସ୍ଥଗିତ

ନୂଆଦିଲ୍ଲୀ : ଲୋକସଭାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ସମାପ୍ତ ହୋଇଛି। ପୀଠାସିନ ଅଧିକାରୀ ସନ୍ଧ୍ୟା ରାୟ ଗୃହକୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଏବେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ରୁ ଆରମ୍ଭ ହୋଇ ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଲୋକସଭା କାର୍ଯ୍ୟ ପୂର୍ବାହ୍ନ ୧୧ ଟାରେ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ଦଳ ସଦସ୍ୟମାନେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ। ଏହି କାରଣରୁ ଗୃହ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟ ପୁନରାରମ୍ଭ ହେବା ପରେ ପିଠାସୀନ ଅଧିକାରୀ ସନ୍ଧ୍ୟା ରାୟ ସୂଚନା ଦେଇଥିଲେ ଯେ, ଅନେକ ସଦସ୍ୟ ମୁଲତବୀ ପ୍ରସ୍ତାବ ନୋଟିସ ଦେଇଛନ୍ତି, ନାମଞ୍ଜୁର କରାଯାଇଛି। ଏହା ପରେ, ସେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଡାକିଲେ। ଶ୍ରୀ ପ୍ରଧାନ ତାଙ୍କ ମନ୍ତ୍ରଣାଳୟ ସହ ଜଡ଼ିତ ପ୍ରଶ୍ନର ଉତର ଗୃହର ଟେବୁଲରେ ରଖିଥିଲେ। ଏହା ପରେ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରତାପରାଓ ଜାଧବ, ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ, ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ସେମାନଙ୍କ ମନ୍ତ୍ରଣାଳୟ ସହିତ ଜଡ଼ିତ ପ୍ରଶ୍ନର ଉତର ଗୃହର ଟେବୁଲ ଉପରେ ରଖିଥିଲେ।



ରାହୁଲ ନିଜ କ୍ଷମତା ପାଇଁ ଦେଶକୁ ଭାଗଭାଗ କରିବାକୁ ଚାହୁଁଛନ୍ତି : ବିଜେପି

# ଅନିଲ, ଟିନା ଅମ୍ବାନୀଙ୍କୁ ଇଡି ସମନ

ନୂଆଦିଲ୍ଲୀ : ରିଲାଏନ୍ସ ଗ୍ରୁପ୍ ବିରୋଧରେ ଚାଲିଥିବା ଅର୍ଥ ହେରଫେର ମାମଲା ପ୍ରସଙ୍ଗ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କମ୍ପାନୀର ଅଧ୍ୟକ୍ଷ ଅନିଲ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ଟିନାଙ୍କୁ ସମନ ଜାରି କରାଯାଇଛି। ଚଳିତମାସ ୧୭ ଓ ୧୮ରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟିନାଙ୍କୁ ୯ ତାରିଖରେ ହାଜର ହେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଟିନା ଇଡି କାର୍ଯ୍ୟାଳୟରେ ହାଜର ହୋଇ ନଥିବା ପ୍ରକାଶ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରିଲାଏନ୍ସ ଗ୍ରୁପ୍ ବିରୋଧରେ ଚାଲିଥିବା ମାମଲାର ତଦନ୍ତ ପାଇଁ ଇଡି ପକ୍ଷରୁ ଏସଆଇଟି ଗଠନ କରାଯାଇଛି। ଅନିଲ ଯେପରି ବିଦେଶ ପଳାଇ ନ ଯାଆନ୍ତି, ସେଥିପ୍ରତି ସତର୍କ ରହିବାକୁ ସୁପ୍ରିମକୋର୍ଟ ଇଡି, ସିବିଆଇକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।



ମନିଲଣ୍ଡରିଂ ମାମଲା

# ହିନ୍ଦୁ ଯୁବକଙ୍କୁ ନିର୍ମମ ହତ୍ୟା




ଢାକା : ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କ ମୃତଦେହ ମିଳିଛି। ମୌଲବୀ ବଜାର ଜିଲ୍ଲାରୁ ମିଳିଥିବା ୨୮ ବର୍ଷୀୟ ହିନ୍ଦୁ ଯୁବକଙ୍କ ଦେହରେ ରହିଛି ଏକାଧିକ କ୍ଷତଚିହ୍ନ। ମୃତକ ଜଣଙ୍କ ହେଲେ ରତନ ଶୁଭ କର। ସେ ଇସଲାମପୁର ୟୁନିୟନ ଅଧୀନରେ ଚାମ୍ପାରା ଚା' ବଗିଚାରେ କାମ କରୁଥିଲେ। ରତନଙ୍କ ମୃତଦେହକୁ ପୁଲିସ୍ ଜବତ କରିଥିବା ବେଳେ ତାଙ୍କ ହାତ ଗୋଡ଼ ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ଦିନ ପ୍ରାୟ ୧୦ଟା ବେଳେ ରତନଙ୍କ କ୍ଷତାକ୍ତ ମୃତଦେହକୁ ସ୍ଥାନୀୟ ଲୋକମାନେ ସେ କାମ କରୁଥିବା ଚା' ବଗିଚାରେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ।

## କେନ୍ଦୁଝରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ

# ଶିକ୍ଷାର ଉଦ୍ଦେଶ୍ୟ ପିଲାଙ୍କ ଚରିତ୍ର ଗଠନ କରିବା : ମୁଖ୍ୟମନ୍ତ୍ରୀ

ଯାଜପୁର/କେନ୍ଦୁଝର, (ବିଭୂତିଭୂଷଣ ଖଣ୍ଡାଇ/ସଂଜୟ ଦାସ) ୧୪।୨: କେନ୍ଦୁଝରରେ ଶିଳାନ୍ୟାସ କଲେ ୧୦୦ କୋଟିର ଟେକ୍ସଟାଇଲ୍ ପାର୍କର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ି ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି । କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ, ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ । ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ସୂଚନାନୁସାରେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ । ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ । ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ । ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ ।" ସେ ଆହୁରି କହିଥିଲେ ଯେ, ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩ ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି । ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି । ଏବେ ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓସିଏସି ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ । ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ । ଆମର ସରକାର ଅନଲାଇନରେ ୪୦୦ରୁ ଅଧିକ ସେବା ପ୍ରଦାନ କରେ । ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ୍ । କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ । କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍ ଓଓ) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି । ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା । ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ । ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଠିକ୍ ସେହିପରି ଯାଜପୁର/ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ। ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି।

ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି ବୋଲି ସେ ମତବ୍ୟକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ 'କର୍ତ୍ତବ୍ୟ, ସମର୍ପଣ ଏବଂ ନିଷ୍ଠା'କୁ ଜୀବନ ଦର୍ଶନ ଭାବରେ ଭାବରେ ଗ୍ରହଣ କରିବାକୁ ସେ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ରେ ପରାମର୍ଶ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି।




ମେଷ: ରବି ଓ ସୋମବାର ଟଙ୍କାପଇସା ସମ୍ବନ୍ଧରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର ପାରିବାରିକ ଜୀବନ ଶାନ୍ତିମୟ ରହିବ। ଶୁକ୍ର ଓ ଶନିବାର ଛାତ୍ରଛାତ୍ରୀ ଭବିଷ୍ୟତ ଲାଗି ନୂଆ ଯୋଜନା କରିବେ।

ବୃଷ: ରବି ଓ ସୋମବାର ସାମାଜିକ କ୍ଷେତ୍ରରେ ସକ୍ରିୟତା ବଢ଼ିବ। ମଙ୍ଗଳ, ବୁଧ ଓ ଗୁରୁବାର କାରବାରରେ ଏକ ଲକ୍ଷ୍ୟ ପ୍ରସ୍ତୁତକରି କାମ କରନ୍ତୁ। ଶୁକ୍ର ଓ ଶନିବାର ବିଶେଷ କାମରେ ଅନ୍ୟ ଲୋକଙ୍କ ସହଯୋଗ ପାଇବେ।

ମିଥୁନ: ରବି ଓ ସୋମବାର ଜୀବନରେ ପରିବର୍ତ୍ତନ ଆପଣଙ୍କ ସପକ୍ଷରେ ହେବ। ମଙ୍ଗଳ, ବୁଧ ଓ ଗୁରୁବାର ଆପଣଙ୍କ କଥାରେ ଲୋକେ ପ୍ରଭାବିତ ହେବେ। ଶୁକ୍ର ଓ ଶନିବାର ଅତ୍ୟଧିକ ଆତ୍ମବିଶ୍ୱାସ ହାନିକାରକ ହୋଇପାରେ।

କର୍କଟ: ରବି ଓ ସୋମବାର ସରକାରୀ ଓ ସାମାଜିକ କାର୍ଯ୍ୟରେ ପ୍ରଗତି ହେବ। ମଙ୍ଗଳ, ବୁଧ ଓ ଗୁରୁବାର ଅଫିସ୍ ?ରେ ଉତ୍ତମ ପରିବେଶରେ ଖୁସି ରହିବେ। ଶୁକ୍ର ଓ ଶନିବାର କାନୁନ ବିବାଦକୁ ପଶି ଆସିପାରନ୍ତି।

ସିଂହ: ରବି ଓ ସୋମବାର ସାମାଜିକ ଓ ରାଜନେ?ତିକ କ୍ଷେତ୍ରରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର ପ୍ରିୟଜନ ସହିତ ଲାଗି ରହିଥିବା ମନାନ୍ତର ଦୂରହେବ। ଶୁକ୍ର ଓ ଶନିବାର ଛାତ୍ରଛାତ୍ରୀ ଶିକ୍ଷକଙ୍କ ସହଯୋଗ ପାଇବେ।

କନ୍ୟା: ରବି ଓ ସୋମବାର ସାମାଜିକ କାର୍ଯ୍ୟରେ ଅଂଶ ଗ୍ରହଣ କରିପାରନ୍ତି। ମଙ୍ଗଳ, ବୁଧ ଓ ଗୁରୁବାର ମନରେ ଥିବା ଯୋଜନା ସଫଳ ହେବ। ଶୁକ୍ର ଓ ଶନିବାର ପ୍ରେମୀଯୁଗଳ ବିବାହ ପାଇଁ ନିଷ୍ପତ୍ତି ନେଇ ପାରନ୍ତି।

ତୁଳା: ରବି ଓ ସୋମବାର ଭାବନା ଓ ବ୍ୟବହାରରେ ଭାରସାମ୍ୟ ବଜାୟ ରଖନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର କମ୍ ପରିଶ୍ରମରେ ଯଥେଷ୍ଟ ଲାଭ ପାଇବେ। ଶୁକ୍ର ଓ ଶନିବାର ଜୀବନସାଥୀ ସହିତ ଭଲ ସମୟ ଅତିବାହିତ କରିବେ।


ବିଛା: ରବି ଓ ସୋମବାର ନୂଆ କାର୍ଯ୍ୟ କରିବା ଲାଗି ଯୋଜନା ପ୍ରସ୍ତୁତ କରିବେ। ମଙ୍ଗଳ, ବୁଧ ଓ ଗୁରୁବାର ଟଙ୍କାପଇସା ଧାର ନେବା ଓ ଦେବାରୁ ନିବୃତ୍ତ ରୁହନ୍ତୁ। ଶୁକ୍ର ଓ ଶନିବାର ଭ୍ରମଣ ମନୋରଂଜନପୂର୍ଣ୍ଣ ରହିବ।

ଧନୁ: ରବି ଓ ସୋମବାର ଅନାବଶ୍ୟକ ବିବାଦଠାରୁ ଦୂରେଇ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର ଜୀବନରେ ଉନ୍ନତି ଲାଗି ନୂଆ ରାସ୍ତା ଖୋଲିବ। ଶୁକ୍ର ଓ ଶନିବାର ଛାତ୍ରଛାତ୍ରୀ ଜ୍ଞାନର ଭଲ ପ୍ରଦର୍ଶନ ଦେବେ।

ମକର: ରବି ଓ ସୋମବାର ପୁଞ୍ଜି ନିବେଶ କରନ୍ତୁ, ଲାଭଦାୟକ ରହିବ। ମଙ୍ଗଳ, ବୁଧ ଓ ଗୁରୁବାର ଅଜଣା ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରନ୍ତୁ ନାହିଁ। ଶୁକ୍ର ଓ ଶନିବାର ଜୀବନରେ ଖୁସିର ଆଗମନ ହେବ।

କୁମ୍ଭ: ରବି ଓ ସୋମବାର ପାରିବାରିକ ବାତାବରଣ ପ୍ରସନ୍ନତାବର୍ଦ୍ଧକ ହେବ। ମଙ୍ଗଳ, ବୁଧ ଓ ଗୁରୁବାର ନୂଆ କାରବାର ?ର ରୂପରେଖ ପ୍ରସ୍ତୁତ କରିବେ। ଶୁକ୍ର ଓ ଶନିବାର ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋଯୋଗ ଦେବେ।

ମୀନ: ରବି ଓ ସୋମବାର ଆମଦାନି ଲାଗି ମନରେ ନୂଆ ଯୋଜନା ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର ସାମାଜିକ ଜୀବନ ସବୁ ଦୃଷ୍ଟିରୁ ଭଲ ରହିବ। ଶୁକ୍ର ଓ ଶନିବାର କୋର୍ଟକଚେରି ମାମଲାରେ ସଫଳତା ପାଇବେ।



ଥରେ ଜଣେ ଧର୍ମଗୁରୁ 'ହିମୁ'କୁ ବୁଝଉଥିଲେ -
ଧର୍ମଗୁରୁ - ଏତେ ମଦ ପିଇଲେ ତୁ ସିଧା ନର୍କକୁ ଯିବୁ।
ହିମୁ - ଯିଏ ମଦ ବିକ୍ରି କରୁଛି ସିଏ ?
ଧର୍ମଗୁରୁ - ସିଏ ବି ନର୍କକୁ ଯିବ।
ହିମୁ - ଆଉ ଯିଏ ମଦ ଦୋକାନ ଆଗରେ ଚାଖଣା ବିକ୍ରି କରୁଛି ସିଏ ?
ଧର୍ମଗୁରୁ - ହଁ ସିଏ ବି ନର୍କକୁ ଯିବ।
ହିମୁ - ତ ଅସୁବିଧା ଆଉ କ'ଣ, ରହିଯିବି ନର୍କରେ।

**ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି**

## ପ୍ରଥମ ପୃଷ୍ଠାରୁ...

**ଏପ୍ରିଲରୁ :** ଇସିଆଇ ନେଟରେ ବିଏଲଓଙ୍କୁ ଫୋନ କରିବାର ସୁବିଧା ଉପଲବ୍ଧ ରହିଛି । ଆବଶ୍ୟକ ସ୍ଥଳେ ଭୋଟର ହେଲ୍ପଲାଇନ ନମ୍ବର ୧୯୫୦ରେ ଫୋନ କରି ସହାୟତା ନେଇ ପାରିବେ।

ବର୍ତ୍ତମାନ ସୁଦ୍ଧା ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଭୋଟର ତାଲିକା ମ୍ୟାପିଂ ହାର ଅଧିକ ରହିଛି। ଏସଆଇଆର ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ରାଜ୍ୟରେ ଭୋଟର ତାଲିକା ମ୍ୟାପିଂ କରାଯାଉଛି । ଖୁବଶୀଘ୍ର ଏ ପ୍ରକ୍ରିୟା ଶେଷ ହେବ । ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ବିଏଲଓମାନେ ଘରକୁ ଘର ଯିବେ । ପ୍ରତି ଭୋଟରଙ୍କୁ ନେଇ ଦୁଇଟି ଫର୍ମ ପୂରଣ କରାଯିବ । ଗୋଟିଏ ଫର୍ମ ଭୋଟର ରଖିବେ, ଅନ୍ୟଟି ବିଏଲଓ ନେବେ। ଏହି ଫର୍ମରେ ଭୋଟରଙ୍କ ନୂଆ ରଙ୍ଗୀନ ଫଟୋ ଲଗାଯିବ। ଫର୍ମରେ ଭୋଟରଙ୍କ ଏପିକ୍ ନମ୍ବର, ବାପାଙ୍କ ନାମ, ବୁଥ୍, ନିର୍ବାଚନମଣ୍ଡଳୀ ତଥ୍ୟ ରହିବ । ଏହି ପ୍ରକ୍ରିୟା ମାସେ ବ୍ୟାପୀ ଚାଲିବ । ଏହା ପରେ ବୁଥ୍ ୱାରି ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏହି ତାଲିକା ବୁଥ୍‌ରୁ ନେଇ ୱେବସାଇଟ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଏହା ଉପରେ ଆପତ୍ତି, ଅଭିଯୋଗ ଆହ୍ୱାନ କରାଯିବ । ମାସେ ବ୍ୟାପୀ ଏ ନେଇ ଶୁଣାଣି ଚାଲିବ । ଯିଏ ପ୍ରତ୍ୟକ୍ଷ ଭାବେ ନ ଆସିପାରିବେ, ତାଙ୍କ ପାଇଁ ଭର୍ଚୁଆଲ ଶୁଣାଣି ସୁବିଧା ରହିବ । ଏହାପରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହେବ । ୩ ମାସରେ ପୂରା ଏସ୍‌ଆଇଆର ପ୍ରକ୍ରିୟା ସରିବ । ସିଇଓ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କହିଛନ୍ତି, ୨୦୦୨ରେ ଯେଉଁମାନେ ଭୋଟର ଥିଲେ, ବର୍ତ୍ତମାନ ସେମାନ ଙ୍କର ସ୍ୱତଃ ମ୍ୟାପିଂ ହୋଇଯିବ । ଯେଉଁମାନଙ୍କର ନାମ ୨୦୦୨ ଭୋଟର ତାଲିକାରେ ନଥିଲା, ସେମାନେ ନିଜ ବାପା, ମା', ଜେଜେଙ୍କ ତଥ୍ୟ ପ୍ରଦାନ କରିବେ । ଭୋଟର ତାଲିକା ମ୍ୟାପିଂରୁ ଏକାଧିକ ସ୍ଥାନରେ ଭୋଟର ଥିଲେ ଜଣାପଡ଼ିଯିବ । କେବଳ ଗୋଟିଏ ସ୍ଥାନରେ ହିଁ ଭୋଟର ହୋଇପାରିବେ । ଏକାଧିକ ବୁଥରେ ଭୋଟର ଥିବା ଏଭଳି ୪ ଲକ୍ଷ ଭୋଟର ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହେଲେଣି । ସେମାନେ ଏବେ କେବଳ ଗୋଟିଏ ସ୍ଥାନର ଭୋଟର ହୋଇ ରହିବେ । ସମାନ ନାମ ଥିବା ଏଭଳି ମତଦାତାଙ୍କୁ ସ୍ୱତନ୍ତ୍ର ସଫ୍ଟୱେୟାର ଯୋଗୁ ସହଜରେ ଚିହ୍ନଟ କରି ହେଉଛି । ଯେଉଁ ଭୋଟରଙ୍କର ମ୍ୟାପିଂ ହୋଇପାରୁନି, ସେମାନେ ଆବାସିକ ପ୍ରମାଣପତ୍ର (ରେସିଡେଣ୍ଟ ପ୍ରମାଣପତ୍ର) ଓ ଜନ୍ମ ପ୍ରମାଣପତ୍ର ଦେବାକୁ ହେବ । କୌଣସି ଭାରତୀୟ ଏସଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିବେ ନାହିଁ । ଏସଆଇଆର ଓ ମ୍ୟାପିଂ ପ୍ରକ୍ରିୟା ପାଇଁ ୫ ଥାକିଆ ବ୍ୟବସ୍ଥା ରହିଛି । ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ ବିଏଲ୍‌ଓ । ତାଙ୍କୁ ତଦାରଖ କରିବେ ଏଇଆରଓ(ବିଡିଓ, ତହସିଲଦାର) । ଏହାର ଉପର ପର୍ଯ୍ୟାୟରେ ଇଆରଓ (ଉପଜିଲ୍ଲପାଳ, ଅତିରିକ୍ତ ଜିଲ୍ଲାପାଳ) ରହିଛନ୍ତି । ଏହି ସ୍ତରରେ ଏସଆଇଆରକୁ ନେଇ ବଡ଼ ନିଷ୍ପତ୍ତି ନେବାର କ୍ଷମତା ରହିଛି । ଏହାର ଉଚ୍ଚତମ ପର୍ଯ୍ୟାୟରେ ଜିଲ୍ଲାପାଳ (ଜିଲ୍ଲା ନିର୍ବାଚନ ଅଧିକାରୀ) ରହିବେ । ସର୍ବୋଚ୍ଚ ସ୍ତରରେ ସିଇଓ ରହିଛନ୍ତି ।

**ଲମ୍ବା :** ଶିକାର ହେବା, ମହାନଦୀ ନେଇ ସରକାରଙ୍କ ଉଦାସୀନତା, ନାରୀ ନିର୍ଯ୍ୟାତନା, ଦଳିତ ଆଦିବାସୀ ରାଜ୍ୟରେ ଅସୁରକ୍ଷିତ, ୪ ମାସ ହେବ ଭତ୍ତା ନମିଳିବା ପରି ମାଳମାଳ ପ୍ରସଙ୍ଗ ବିଜେପି ବିରୋଧରେ ଅଛି । ଲୋକଙ୍କ ସ୍ୱର ସାଜି ବିଧାନସଭାରେ ଏସବୁ ସମସ୍ୟାକୁ ନେଇ ପ୍ରଶ୍ନ କରିବ ବିଜେଡି । ଏହାସହ ଲମ୍ବା ସମୟର ବଜେଟ ଅଧିବେଶନରେ ଦଳ କେଉଁ ସବୁ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇବ ତାହା ବିଜେଡି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି । ଆସନ୍ତା ୧୬ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ବସି ରଣନୀତି ପ୍ରସ୍ତୁତ କରାଯିବ । କଂଗ୍ରେସ ମଧ୍ୟ ବିଜେପି ସରକାରକୁ ଘେରିବାକୁ ସଜବାଜ ଆରମ୍ଭ କରିଛି । ୧୬ ତାରିଖରେ ବସିବ କଂଗ୍ରେସ ବିଧାୟକ ଦଳ ବୈଠକ । ଓଡିଶା ଜନମାନସର ଯେଉଁ ସମସ୍ୟା ରହିଛି , ତାହାକୁ ସରକାର ଅଣଦେଖା କରୁଛନ୍ତି ।




ଡ଼ଃ ବ୍ୟୋମକେଶ କାନୁନଗୋ
(ମୁଖ୍ୟ ସମ୍ପାଦକ)

# ସାଇବର ଠକେଇ

ଜଣେ ୭୮ବର୍ଷ ବୟସ୍କ ବରିଷ୍ଠ ନାଗରିକ ସାଇବରମାନଙ୍କ ଦ୍ୱାରା ଡିଜିଟାଲ ଗିରଫ ହୋଇ ୨୩କୋଟି ଟଙ୍କା ହରାଇ ଫେରି ପାଇବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ପୋଲିସ ୧୨କୋଟି ଟଙ୍କା ଠାବ କରିବା ସହ ଅଚଳ କରିବରକୁ ସକ୍ଷମ ହୋଇଥିଲା ଏବଂ ଅବଶିଷ୍ଟ ୪୮ପ୍ରତିଶତ ଅର୍ଥାତ ୧୧କୋଟି ହରାଇଥିଲେ। ଠକେଇ ଅର୍ଥକୁ ଦୁବୃତମାନେ ୬ଟି ନାମୀ ବ୍ୟଙ୍କର ଆକାଉଂଟରେ ଗଚ୍ଛିତ ରଖିଥିଲେ। ଯେଉଁଠାରୁ ପୋଲିସ ୧୨କୋଟି ଟଙ୍କା ଜବତ କରିଥିଲା। କହିବା ବାହୁଲ୍ୟ ଯେ, ସାମ୍ପ୍ରତିକ ସମୟରେ ସାଇବର ଠକଙ୍କର ଏହା ଗୋଟିଏ ଘଟଣା ନୁହେଁ। ଦେଶରେ ଦିନକୁ ଦିନ ଡିଜିଟାଲ ଆରେଷ୍ଟ ଦ୍ୱାରା ଠକେଇ ବଢିଚାଲିଛି। ଯାହାର ଚେର କେବଳ ଦେଶ ଭିତରେ ସୀମିତ ହୋଇରହିନାହିଁ। ବିଦେଶକୁ ଲମ୍ବିଛି। ଯାହା ପୋଲିସ ରିପୋର୍ଟ କହେ। ସୁଦୂର ବିଦେଶ ମାଟିକୁ ସାଇବର ଠକମାନେ ସେମାନଙ୍କ ନେଟୱାର୍କ ଦ୍ୱାରା ଠକେଇ ଜାରି ରଖିଛନ୍ତି। ସେମାନେ ବରିଷ୍ଠ ନାଗରିକ, ଡାକ୍ତର, ଇଞ୍ଜିନିୟର, ଧନୀକ ଲୋକଙ୍କୁ ଟାର୍ଗେଟ କରି ଗିରଫ କରିବା ଧମକ ଦେଇ, ଭୟଭୀତ କରାଇ ବ୍ୟାଙ୍କ ଆକାଉଂଟରେ ସଂଚିତ ଅର୍ଥକୁ ଲୁଟି ନେବା ଏବେ ଏକ ନିର୍ଭୀକ ଘଟଣାରେ ପରିଣତ ହୋଇଛି। ସମ୍ମାନ ଚାଲିଯିବା ଭୟରେ ସେମାନେ ଠକଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ଶେଷରେ ନିଜର ସାଇବର ଠକଙ୍କ ଦ୍ୱାରା ଡିଜିଟାଲ ଆରେଷ୍ଟ ହୋଇ ନିଜର ସଂଚିତ ସମସ୍ତ ଅର୍ଥ ହରାଇବା ପରେ ଆତ୍ମହତ୍ୟା କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। କେବଳ ଡିଜିଟାଲ ଆରେଷ୍ଟ ନୁହେଁ, ସାଇବର ଠକମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଂଟରେ ଓଟିପି ନମ୍ବର ମାଗି ସମସ୍ତ ସଂଚିତ ଅର୍ଥ ଲୁଟି ନେବା ନଜୀର ରହିଛି। ଏହା ନିସନ୍ଦେହ ଯେ, ସାଇବର ଠକେଇ ଏବେ ସରକାର, ପ୍ରଶାସନ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଛି। ସାଇବର ଠକ ବା ଅଜଣା ଟେଲିଫୋନ କଲ୍‌ରେ ବଶବର୍ତୀ ନହେବା, ପ୍ରଲୋଭିତ ନହେବା, ସତର୍କ, ସାବଧାନ ରହିବା ପାଇଁ ଜନସାଧାରଣଙ୍କୁ ସରକାର ଗଣମାଧ୍ୟମରେ ସଚେତନ କରାଉଥିଲେ ମଧ୍ୟ ଠକେଇ ବଢିଚାଲିଛି। ସାଇବର ଠକମାନେ ନୂଆ ନୂଆ ତରିକା କୌଶଳ ଅବଲମ୍ବନ କରି କୋଟି କୋଟି ଟଙ୍କା ଠକେଇ କରିଚାଲିଛନ୍ତି। ଯାହାକି ଗଣମାଧ୍ୟମର ଶିରୋନାମା ପାଲଟିଛି। ସାଇବର ଥାନା, ସାଇବର ସେଲ ରହିଛି, କିନ୍ତୁ ଠକେଇ ବଢିଚାଲିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ ଅନୁଯାୟୀ ଦେଶରେ ୨୦୨୪ରେ ୨୨.୬୮ ଲକ୍ଷ ସାଇବର ଅପରାଧ ଘଟିଥିବାବେଳେ ୨୦୨୨ରେ ଏହି ଅପରାଧ ସଂଖ୍ୟା ୧୦.୨୯ ଲକ୍ଷ ଥିଲା। ତେବେ ୨୦୨୫ ଜୁନ ସୁଦ୍ଧା ବହୁ ଆର୍ଥୀକ ଜାଲିଆତି ସହ ୧୨ଲକ୍ଷ ସାଇବର ଅପରାଧ ଘଟଣା ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ଏନସିଆରବି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏଥି ମଧ୍ୟରୁ ୨୦୨୪ରେ ଡିଜିଟାଲ ଆରେଷ୍ଟ ମାମଲା ଥିଲା ୧,୨୩,୬୭୨ଟି ଘଟଣା। ୨୦୨୪ରେ ଡିଜିଟାଲ ଆରେଷ୍ଟ ଦ୍ୱାରା ସାଇବର ଠକମାନେ ୧୯୩୫ କୋଟି ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ୨୦୨୫ ମସିହାର ପ୍ରଥମ ଦୁଇମାସରେ ଦେଶରେ ୧୭,୭୧୮ଟି ଡିଜିଟାଲ ଆରେଷ୍ଟ ଠକେଇ ଘଟଣା ଘଟିଥିବା କୁହାଯାଇଛି। ସ୍ୱାଏ ପେ ଏବଂ ହ୍ୱାଟସ୍‌ଆପରେ ୫୧,୦୦୦ ଡିଜିଟାଲ ଆରେଷ୍ଟ ଠକେଇ ଘଟଣା ଘଟିଥିବା କୁହାଯାଏ। ସେହିପରି ସରକାରୀ ତଥ୍ୟ ଅନୁଯାୟୀ ଗତ ୬ବର୍ଷ ମଧ୍ୟରେ ଭାରତୀୟମାନେ ୫୨,୯୭୬ କୋଟି ଟଙ୍କା ସାଇବର ଠକେଇରେ ହରାଇଥିବା ବେଳେ ଗତ ବର୍ଷ କେବଳ ୧୯,୮୧୩ କୋଟି ଟଙ୍କା ହରାଇଛନ୍ତି। ଏଥି ମଧ୍ୟରେ ୭୭ପତିଶତ ଅର୍ଥ ଜାଲ ସଂସ୍ଥାରେ ବିନିଯୋଗ ହୋଇଥିବାବେଳେ ୮ପ୍ରତିଶତ ଡିଜିଟାଲ ଗିରଫ ଦ୍ୱାରା ହରାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ପୂର୍ବରୁ ଡିଜିଟାଲ ଆରେଷ୍ଟ ଘଟଣା ଶୁଣାଯାଇ ନଥିଲା। ଆହୁରି ମଧ୍ୟ ଗତ ବର୍ଷକ ମଧ୍ୟରେ ଗୋଟିଏ ବର୍ଷ ମଧ୍ୟରେ ୧୫୮୪ କୋଟି ଲୁଟ୍ ହୋଇଥିବା ଏନସିଆରବି ରିପୋର୍ଟରେ କୁହାଯାଇଛି। ଗତ ୫ବର୍ଷ ମଧ୍ୟରେ ଜାଲ ମାମଲାରେ ୭୦୦୦କୋଟି ଟଙ୍କା ବଂଚାଇ ଦିଆଯାଇଥିବା ନେଇ ଗତ ଡିସେମ୍ବର ମାସରେ ସରକାରୀ ଆର୍ଥୀକ ସାଇବର ଫ୍ରଡ୍ ରିପୋଟିଂ ସିଷ୍ଟମ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। କିନ୍ତୁ ଠକେଇ ହୋଇଥିବା ୮୭ପ୍ରତିଶତ ଅର୍ଥ ଜବତ ହୋଇପାରିନାହିଁ। ଏହା ନିସନ୍ଦେହ ଯେ, ବରିଷ୍ଠ ନାଗରିକମାନଙ୍କୁ ଦୁବୃତମାନେ ନିଶାଣ କରୁଥିବାବେଳେ ବ୍ୟାଙ୍କଗୁଡିକ ମଧ୍ୟ ସତର୍କ ରହିବା ଆବଶ୍ୟକ। ଡିଜିଟାଲ କାରବାର ଦେଶରେ ବେଶ ଆଦୃତି ଲାଭ କରିଥିବା ବେଳେ ଡିଜିଟାଲ ଠକେଇ ଏବେ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏଥିପ୍ରତି ଜନସାଧାରଣ ସଜାଗ ଓ ସତର୍କ ରହିବା ଜରୁରୀ। ଅନ୍ୟଥା ସର୍ବସ୍ୱାନ୍ତ ହେବା ସାର ହେବ।

# ସମାଲୋଚନା ଅପରାଧ ନୁହେଁ

■ ଡକ୍ଟର ନୀଳମଣି ସୂତାର...

ଗଣତନ୍ତ୍ରର ଶ୍ୱାସ ପ୍ରଶ୍ୱାସ ନିର୍ଭର କରେ ମତ ପ୍ରକାଶର ସ୍ୱାଧୀନତା ଉପେର। ସେହି ସ୍ୱାଧୀନତା ଯଦି କେବଳ ପ୍ରଶଂସା ଭିତରେ ସୀମାବଦ୍ଧ ରହେ ସ୍ୱାଧୀନତା ବୋଲି କିଛି ଆଉ ରହେନା। ତାହା ହୋଇଯାଏ ଆନୁଗତ୍ୟ। ଗଣମାଧ୍ୟମ ଯୁଗରେ ଏହି ସତ୍ୟ ଆହୁରି ତୀକ୍ଷ୍ଣ ହୋଇ ଉଠିଛି। କାରଣ ଅଧୁନା ନାଗରିକମାନଙ୍କ କଣ୍ଠରେ ସିଧାସଳଖ ପହଞ୍ଚିଯାଏ ଜନତା ପରିସର ଭିତେର; ମଝିରେ କେବଳ ପ୍ରଥାଗତ ସମ୍ପାଦକୀୟ ଫିଲଟରକୁ ଛାଡ଼ି ଦେଇ। ଠିକ ଏହି କାରଣରୁ ହିଁ କ୍ଷମତାସୀନ ରାଷ୍ଟ୍ର ଯନ୍ତ୍ର ସହିତ ନାଗରିକମାନଙ୍କର ମତ ପ୍ରକାଶର ସଂଘାତ ବଢୁଛି ଆଉ ସେହି ସଂଘାତର ନିଷ୍ପତ୍ତିକୁ ନେଇ ଅଦାଲତର ଭୂମିକା ହୋଇ ଉଠିଛି। କ୍ରମଶଃ ଗୁରୁତ୍ୱପୂର୍ଣ୍ଣ।

ଏହି ପରିପ୍ରେକ୍ଷୀରେ ତାତ୍ପର୍ଯ୍ୟପୂର୍ଣ୍ଣ ତେଲେଙ୍ଗାନା ହାଇକୋର୍ଟର ସେହି ରାୟ ଯାହାକୁ ସମ୍ପ୍ରତି ସୁପ୍ରିମକୋର୍ଟ ବି ବହାଲ ରଖିଛନ୍ତି। ଗଣମାଧ୍ୟମରେ କଡ଼ା ରାଜନୈତିକ ସମାଲୋଚନା ବା ସରକାରଙ୍କ ବିରୋଧରେ ମତ ପ୍ରକାଶ କଲେ ପୋଲିସ ଯାନ୍ତ୍ରିକ ଭାବେ ଏଫ୍‌ଆଇଆର୍ ଦାୟର କରିପାରିବ ନାହିଁ; ଏହି ସ୍ପଷ୍ଟ ବାର୍ତ୍ତା। କେବଳ ଗୋଟିଏ ମାମଲାର ନିଷ୍ପତ୍ତି ନୁହେଁ ବରଂ ବୃହତ୍ତର ନାଗରିକ ସ୍ୱାଧୀନତାର ପ୍ରଶ୍ନର ଏକ ଗୁରୁତ୍ୱପୂର୍ଣ୍ଣ ବିଚାରନୈତିକ ଅବସ୍ଥାନ। ଘଟଣାର ସୂତ୍ରପାତ ଜନୈକ ନାଲ୍ଲାବାଲୁର ଏକ୍ସ ହ୍ୟାଣ୍ଡଲରେ ପ୍ରଦତ୍ତ କିଛି ପୋଷ୍ଟକୁ ନେଇ ହୋଇଛି। ତେଲେଙ୍ଗାନା ଶାସକଦଳ କଂଗ୍ରେସକୁ ସମାଲୋଚନା କରି ସେ ଏହି ମନ୍ତବ୍ୟଗୁଡ଼ିକୁ ଏକ୍ସରେ ପୋଷ୍ଟ କରିଥିଲେ। ଫଳରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ତାଙ୍କ ବିରୁଦ୍ଧରେ ତିନୋଟି ଏଫଆଇଆର ଦାୟର କରାଯାଏ। ପୋଲିସ ସକ୍ରିୟତାର ଏହି ପ୍ରବଣତା ନୂଆ କିଛି ନୁହେଁ। କିନ୍ତୁ ତେଲେଙ୍ଗାନା ହାଇକୋର୍ଟ ସ୍ପଷ୍ଟ ଭାଷାରେ ଜଣାଇଦିଏ- ଏହି ପୋଷ୍ଟ ଗୁଡ଼ିକ ବୈଧ। ରାଜନୈତିକ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ମନ୍ତବ୍ୟ। ଏଗୁଡ଼ିକୁ ଅପରାଧ ହିସାବରେ ଦେଖାଯିବାର କୌଣସି ଆଇନଗତ ଭିତ୍ତି ନାହିଁ। ଫଳରେ ଏହି କ୍ଷେତ୍ରରେ ଫୌଜଦାରୀ ଚାଲିବା ମାନେ ହିଁ ବିଚାର ବ୍ୟବସ୍ଥାର ଅପବ୍ୟବହାର। ଏହି ପର୍ଯ୍ୟାୟରେ ହାଇକୋର୍ଟ ଆହୁରି କେଇ ପାଦ ଆଗେଇ ଯାଇ ପୋଲିସ ଓ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନଙ୍କ ପାଇଁ ଗୋଟିଏ ଆଚରଣ ବିଧି ନିର୍ଦ୍ଦିଷ୍ଟ କରିଦିଏ। ଉଦ୍ଦେଶ୍ୟ ଗୋଟିଏ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ପୋଷ୍ଟକୁ କେନ୍ଦ୍ରକରି ଦାୟର କରାଯାଉଥିବା ଫୌଜଦାରୀ ମାମଲା ଉପରେ ରୋକ ଲଗାଇବ। ଏହି ନିର୍ଦ୍ଦେଶନାମାକୁ ଆପତ୍ତି ଜଣାଇ ତେଲେଙ୍ଗାନା ସରକାର ସୁପ୍ରିମକୋର୍ଟରେ ଦ୍ୱାରସ୍ତ ହୁଅନ୍ତି। ସେମାନଙ୍କ ଯୁକ୍ତି ଥିଲା ହାଇକୋର୍ଟର ଗାଇଡ଼ଲାଇନ ପରସ୍ପର ବିରୋଧୀ ଏବଂ ସୁପ୍ରିମକୋର୍ଟର ହସ୍ତକ୍ଷେପ ପ୍ରୟୋଜନ। କିନ୍ତୁ ସୁପ୍ରିମକୋର୍ଟ ବିଚାରପତି ଜେ.ବି. ପାରଦିୱାଲା ଓ ବିଚାରପତି ବିଜୟ ବିଷ୍ଣୋଇଙ୍କ ବେଞ୍ଚ ସ୍ପଷ୍ଟ ଭାବରେ ଜଣାଇ ଦିଅନ୍ତି ଯେ, ହାଇକୋର୍ଟର ରାୟ ଓ ଆଚରଣ ବିଧିକୁ ପରୀକ୍ଷା ନିରୀକ୍ଷା କରି ଦେଖା ହୋଇଛି। ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଅର୍ଥାତ୍ ଗଣମାଧ୍ୟମରେ ରାଜନୈତିକ ମତ ପ୍ରକାଶକୁ ଅପରାଧ ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କାର୍ଯ୍ୟତଃ ଲଗାମ ଲଗାଇଦେଲେ।

ଏହି ରାୟର ତାତ୍ପର୍ଯ୍ୟ ଏଇଠି ଆଦୌ ଶେଷ ହୁଏନା। ଏହା ପୂର୍ବରୁ ଏକାଧିକ ମାମଲାକୁ ମଧ୍ୟ ତର୍ଜମା କରାଯାଇଛି। ସରକାରଙ୍କ ବିରୋଧରେ ମତ ପ୍ରକାଶ କଲେ ଅଭିଯୁକ୍ତକୁ ଦେଶଦ୍ରୋହୀର ବା ତଦ୍‌ରୂପ ଆଖ୍ୟା ଦିଆଯାଇଛି। ସୁପ୍ରିମକୋର୍ଟ ସେହିସବୁ କ୍ଷେତ୍ରରେ ସ୍ପଷ୍ଟ କରିଦେଇଛନ୍ତି, ସରକାର ବିରୋଧୀ ଅର୍ଥ ଦେଶଦ୍ରୋହୀ ନୁହେଁ। ଗଣତନ୍ତ୍ର ଶାସନରେ ସରକାରଙ୍କୁ ସମାଲୋଚନା କରିବାର ଅଧିକାର ନାଗରିକର ମୌଳିକ ଅଧିକାର ପରିସରଭୁକ୍ତ, ଏକଥା ସୁପ୍ରିମକୋର୍ଟ ସ୍ପଷ୍ଟଭାବରେ ଜଣାଇ ଦେଇଛନ୍ତି। ସମସ୍ୟା ହେଉଛି, ପ୍ରଶାସନିକ ସ୍ତରରେ ସେହି ବିଚାରନୈତିକବୋଧ ବର୍ତ୍ତମାନ ସମାନଭାବରେ ପ୍ରତିଫଳିତ ହୁଏ ନାହିଁ। ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ, ଗୋଟିଏ ବ୍ୟଙ୍ଗ ବା ଗୋଟିଏ କଡା ମନ୍ତବ୍ୟକୁ ଆଇନ ଶୃଙ୍ଖଳା ପାଇଁ ଧମକ ବୋଲି ଚିହ୍ନିତ କରିବାର ପ୍ରବଣତା କ୍ରମଶଃ ବଢ଼ିଚାଲିଛି। ଏହା ଫଳରେ ମତପ୍ରକାଶ ଉପରେ ଏକ ପ୍ରକାର ଶୀତଳ ସନ୍ତ୍ରାସ ପ୍ରସ୍ତୁତ ହେଉଛି; ଯେଉଁଠି ନାଗରିକ ନିଜେ ଚିନ୍ତା କରିବା ଆରମ୍ଭ କରେ, କିଛି କହିଲେ ବିପଦ ସୃଷ୍ଟି ହୋଇପାରେ। ତେଲଙ୍ଗାନା ହାଇକୋର୍ଟଙ୍କ ରାୟ ଏବଂ ସୁପ୍ରିମକୋର୍ଟଙ୍କ ସିଲ ମୋହର ସେଇ ଭୟର ସଂସ୍କୃତ ବିରୁଦ୍ଧରେ ଏକ ଜରୁରୀକାଳୀନ ପ୍ରତିରୋଧ। ଏହି ରାୟ ପୁଲିସକୁ ଚେତାବନୀ ଦେଉଛି ଯେ, ସେମାନେ ଆଇନର ରକ୍ଷକ, କ୍ଷମତାର ରକ୍ଷକ ନୁହଁନ୍ତି। ଏଥି ସହିତ ପ୍ରଶାସନକୁ ମଧ୍ୟ ସ୍ମରଣ କରାଇ ଦେଇଛନ୍ତି ଯେ, ଏଫଆଇଆର ଗ୍ରହଣ ବା ଅନୁମୋଦନ କୌଣସି ଯାନ୍ତ୍ରିକ ପ୍ରକ୍ରିୟା ନୁହେଁ, ତାହା ସହିତ ଯୋଡ଼ି ହୋଇ ରହିଛି ସାମ୍ବିଧାନିକ ଦାୟିତ୍ୱ।


ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ ବିଚାର କରିବାକୁ ଗଲେ କେବଳ ନିର୍ବାଚନ ଦିଗକୁ ଦେଖିଲେ ଚଳିବ ନାହିଁ। ଦେଖିବାକୁ ପଡ଼ିବ ଭିନ୍ନମତ କେତେ ନିରାପଦ, ସମାଲୋଚନା କେତେଟା ସହନୀୟ। ସେହି ପରୀକ୍ଷାରେ ଭାରତୀୟ ଗଣତନ୍ତ୍ର ଆଜି ନାନାଦି ପ୍ରଶ୍ନର ସମ୍ମୁଖୀନ। ଏହି ରାୟ ସେହି ପ୍ରଶ୍ନଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ତର। ଅନ୍ତତଃପକ୍ଷେ ଅଦାଲତର ଦରଜାକୁ ଆସି ନଗରିକର କଣ୍ଠସ୍ୱର ଯେ, ଏବେ ବି ସମ୍ପୂର୍ଣ୍ଣ ରୂପେ କଣ୍ଠରୁଦ୍ଧ ହୋଇଯାଇନି; ଏହି ବାର୍ତ୍ତା ହିଁ ଆଜି ସବୁଠୁ ବେଶୀ ପ୍ରୟୋଜନୀୟ। ସମାଲୋଚନା ଅପରାଧ ନହେଁ। ଏହି ସହଜ ସତ୍ୟକୁ ମନେ ପକାଇ ଦେବା ପାଇଁ ସୁପ୍ରିମେକାଟର୍କୁ ଅଶେଷ ଧନ୍ୟବାଦ ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ସେହି ଶିକ୍ଷାକୁ କେତେଟା ଗ୍ରହଣ କରୁଛି !

**ଖାନନଗର, କଟକ**

# ଋଷ୍ୟଶୃଙ୍ଗ ଋଷିଙ୍କର ଜନ୍ମକଥା

■ ବିଜୟ କୁମାର ମହାପାତ୍ର...

ଦିନକର କଥା। ସମସ୍ତ ଋଷିମାନେ ଗଙ୍ଗା କୂଳରେ ବସି ଜଗତର ମଙ୍ଗଳ ବିଷୟରେ କଥା ହେଉଥିଲେ। ଏହି ସମୟରେ ବ୍ରହ୍ମାପୁତ୍ର ସନତ୍ କୁମାର ସେଠାରେ ଆସି ପହଞ୍ଚିଲେ। ତାଙ୍କୁ ଦେଖି ସମସ୍ତ ଋଷିମାନେ ଆସନ ତ୍ୟାଗକରି ତାଙ୍କୁ ପାଖରେ ବସାଇଲେ ଓ ଜଗତର ମଙ୍ଗଳ କଥା ପଚାରିଲେ। ଏହା ଶୁଣି ସନତ୍ କୁମାର କହିଲେ ଗତକାଲି ମୁଁ ସ୍ୱର୍ଗର ସୁଧର୍ମା ସଭାରେ ଥିଲି। ଇନ୍ଦ୍ର ସେଠାରେ ଦଶରଥ ରାଜାଙ୍କ କୋଳରେ ସ୍ୱୟଂ ନାରାୟଣ ବିଷ୍ଣୁ ଜନ୍ମ ହେବା କଥା କହୁଥିଲେ। ମର୍ତ୍ତ୍ୟରେ ରାବଣକୁ ବଧ କରିବେ ଓ ଦେବତାମାନଙ୍କୁ ଖୁସି ଦେବେ ବୋଲି କହୁଥିଲେ। ନାରାୟଣ କିପରି ଜନ୍ମ ନେବେ ବୋଲି ପଚାରିବାରୁ ସନତ୍ କୁମାର କହିଲେ ଯେ ରାଜା ଦଶରଥ ପୁତ୍ରେଷ୍ଟି ଯଜ୍ଞ କରିବେ ତାହା ପୁଣି ଋଷ୍ୟଶୃଙ୍ଗଙ୍କ ହସ୍ତରେ। ଏହି ଋଷ୍ୟଶୃଙ୍ଗ କିଏ ଓ ତାଙ୍କର ପିତାମାତା କିଏ ସେ ବିଷୟରେ ଋଷିମାନେ ଜାଣିବାକୁ ଆଗ୍ରହୀ ହେବାରୁ ସନତ୍ କୁମାର ଆରମ୍ଭ କଲେ।



ବ୍ରହ୍ମାଙ୍କର ମାନସ ପୁତ୍ର ମରୁତ। ମରୁତଙ୍କ ପୁତ୍ର ମରୀଚି। ମରୀଚି ଋଷିଙ୍କଠାରୁ କଶ୍ୟପଙ୍କର ଜନ୍ମ। କଶ୍ୟପଙ୍କ ଠାରୁ ବିଭାଣ୍ଡକ ଋଷିଙ୍କର ଜନ୍ମ। ବିଭାଣ୍ଡକ ନିଜର ଘୋର ତପସ୍ୟା ବଳରେ ସାରା ସୃଷ୍ଟିକୁ ଜୟ କଲେ। ଦିନକର କଥା ବିଭାଣ୍ଡକ ତପସ୍ୟା କରୁଥିବା ସମୟରେ ଅପସରା ଉର୍ବଶୀ ସେହି ବାଟ ଦେଇଯାଉଥିବାବେଳେ ପବନରେ ତା'ର ପିନ୍ଧାବସ୍ତ୍ର ଉଡ଼ିଯିବାରୁ ଉର୍ବଶୀର ବିବସନ ଶରୀର ବିଭାଣ୍ଡକଙ୍କ ଆଖିରେ ପଡ଼ିଗଲା। ଉର୍ବଶୀଙ୍କ ଅପରୂପ ଯୌବନ ଦେଖି ମୁନିଙ୍କର ରେତ ସ୍ଖଳନ ହେଲା। ଲଜ୍ଜାରେ ମୁନି ବାମ ହସ୍ତରେ ସେହି ରେତକୁ ଧରି ନିକଟରେ ଥିବା ନର୍ମଦା ନଦୀରେ ପକାଇଦେଲେ। ଠିକ୍ ଏତିକିବେଳେ ଇନ୍ଦ୍ରଙ୍କ ଠାରୁ ଅଭିଶାପ ପାଇଥିବା ପଦନିକା ଅପ୍‌ସରା ମୃଗ ଶରୀରରେ ସେହି ବଣରେ ରହୁଥିଲା। ତୃଷାତୁରା ହୋଇ ମୃଗୀ ନର୍ମଦା ଜଳ ପାନ କଲା ସମୟରେ ଜଳରେ ପଡ଼ିଥିବା ଋଷିଙ୍କର ରେତ ଜଳ ସହିତ ପାନକରିଦେଲା। ଅପସରୀ ଗର୍ଭରେ ସେ ରେତ ପଡ଼ିବାରୁ ସେ ଗର୍ଭ ହେଲା। ଛଅମାସରେ ମଣିଷ ଆକୃତିର ଶିଶୁଟିଏ ଜନ୍ମ ଦେଲା। ଦେହଯାକ ମୃଗଲୋମରେ ପରିପୂର୍ଣ୍ଣ। ମସ୍ତକରେ ମୃଗ ଶୃଙ୍ଗ ଦୁଇଟି ଅଛି। ଏଭଳି ଏକ ଅଦ୍ଭୁତ ଶିଶୁ ଜନ୍ମ ଦେଖି ମୃଗୀ ଭୟ କରିଲା ଓ ଶିଶୁକୁ ଛାଡ଼ି ଦୌଡ଼ି ପଳାଇଲା। ଜନ୍ମିତ ଶିଶୁଟି ଖୁବ୍ ଜୋର୍‌ରେ ରୋଦନ କରୁଥିବାର କର୍ଣ୍ଣରେ ବିଭାଣ୍ଡକ ଋଷି ଶୁଣି ପିଲାଟିକୁ ଧରିଲେ। ଯୋଗଧ୍ୟାନରେ ମୁନି ଜାଣିପାରିଲେ ସେ ବାଳକଟି ତାଙ୍କ ନିଜପୁତ୍ର ଅଟେ। ମୃଗୁଣୀ ଗର୍ଭରେ ଧରିଥିବାରୁ ମଣିଷ ଦେହ ଓ ମୃଗଲୋମରେ ପରିପୂର୍ଣ୍ଣ ହୋଇଛି। ମୃଗ ପରି ଶୃଙ୍ଗ ଦୁଇଟି ମଧ୍ୟ ଅଛି। ବିଭାଣ୍ଡକ ତାକୁ ଆଦରରେ ଲାଳନ ପାଳନ କଲେ। ମଣିଷର ଦେହ ଓ ମୃଗର ଶୃଙ୍ଗ ଥିବାରୁ ଋଷି ତା'ର ନାମ ଋଷ୍ୟଶୃଙ୍ଗ ଦେଲେ। ଯଥାସମୟରେ ଋଷ୍ୟଶୃଙ୍ଗଙ୍କର ବ୍ରତୋପନୟନ ମଧ୍ୟ କରାଇଲେ। ଋଷ୍ୟଶୃଙ୍ଗ କେବଳ ପିତାଙ୍କ ଛଡ଼ା ଆଉ କାହା ସାଥିରେ ଶିଶୁ ନଥିଲେ। ବ୍ୟବହାର ମଧ୍ୟ କିଛି ଶିଖି ନଥିଲେ। କେବଳ କଠୋର ତପସ୍ୟାକରି ଇନ୍ଦ୍ରଙ୍କୁ ଖୁସି କଲେ। ଇନ୍ଦ୍ର ମଧ୍ୟ ସୁପ୍ରସନ୍ନ ହୋଇ ତାଙ୍କୁ ବର ପ୍ରଦାନ କଲେ। କହିଲେ ହେ ଋଷିପୁତ୍ର ତୁମର ଯାହା ଦରକାର ମୋଠାରୁ ମାଗି ନିଅ। ଋଷ୍ୟଶୃଙ୍ଗ କହିଲେ ବର୍ଷା ଦେଖିଲେ ମୋ ପ୍ରାଣ ଉତ୍‌ଫୁଲ୍ଲ ହୁଏ। ତେଣୁ ହେ ଇନ୍ଦ୍ରଦେବତା ମୋତେ ଏହି ବର ଦିଅନ୍ତୁ ଯେପରିକି ମୁଁ ନିଜ ଇଚ୍ଛାରେ ଯେତେବେଳେ ଆକାଶକୁ ଚାହିଁବି ସେତେବେଳେ ବର୍ଷା ହେବ। ଇନ୍ଦ୍ର ତଥାସ୍ତୁ କଲେ। ସେଇଥିପାଇଁ ଋଷ୍ୟଶୃଙ୍ଗ ଯେତେବେଳେ ଆକାଶକୁ ଚାହିଁଥା'ନ୍ତି ସେତେବେଳେ ହିଁ ବର୍ଷା ହୋଇଥାଏ।

କିଛିଦିନ ପରେ ଋଷ୍ୟଶୃଙ୍ଗ ଋଷି ଲୋମପାଦ ରାଜାଙ୍କ ସହିତ ଅଂଗ ଦେଶରେ ରହୁଥା'ନ୍ତି। ଲୋମପାଦ ରାଜା ଖୁବ୍ ଧାର୍ମିକ ଥାଆନ୍ତି। ପ୍ରତ୍ୟେକ ଦିନ ବ୍ରାହ୍ମଣ ମାନଙ୍କୁ ଡକାଇ ଶାଳଗ୍ରାମ, ଭୂମି, ଜମି, ଗୋରୁ, ସ୍ୱର୍ଣ୍ଣ, ବସ୍ତ୍ର, ଅନ୍ନ ସବୁ ଦାନ ଦେଉଥା'ନ୍ତି। ଦିନେ ତାଙ୍କର ଦାନ ଗାଈରୁ ଗୋଟିଏ ଖସି ଆସି ଆଉ ଜଣେ ବ୍ରାହ୍ମଣ ହାତରେ ପଡ଼ିଲା। ସେ ତାକୁ ନେଇ ରାସ୍ତାରେ ଯାଉଥିଲାବେଳେ ପୂର୍ବରୁ ଦାନ ପାଇଥିବା ବ୍ରାହ୍ମଣ ସହ ତା'ର ଭେଟ ହେଲା। ନିଜର ଗାଈ ବୋଲି ଯେତେ କହି ଜାଣିଲେ କିଏ ବେ ଦାନ ପାଇଥିବା ବ୍ରାହ୍ମଣ ଦେବାପାଇଁ ଅରାଜି ହେଲା। ଦୁହିଁଙ୍କ ଭିତରେ ବଚସା ହେବାରୁ ଦୁହେଁ ଲୋମପାଦ ରାଜାଙ୍କ ପାଖକୁ ଆସିଲେ। ରାଜା ସବୁକଥା ଶୁଣିବା ପରେ ୨ୟ ବ୍ରାହ୍ମଣକୁ କହିଲେ ସେ ତୁମକୁ ଆଉ ଗୋଟିଏ ଗାଈ ଦାନ ଦେଉଛି। ତୁମେ ତାଙ୍କ ଗାଈକୁ ଛାଡ଼ିଦିଅ ୨ୟ ବ୍ରାହ୍ମଣ ମନା କଲା। ପ୍ରଥମ ବ୍ରାହ୍ମଣ ମଧ୍ୟ ମନା କଲା। ରାତା ଅତି ବାଧ କରିବାରୁ ୨ୟ ବ୍ରାହ୍ମଣ ଗାଇ ବଦଳରେ ରାଜାଙ୍କୁ ଅଭିଶାପ ଦେଲା, "କହିଲା ଥରେ ଦାନ କରିଥିବା ଗାଈକୁ ତୁ ପୁଣି ମୋଠାରୁ ଛଡ଼ାଇ ନେଲୁ। ତେଣୁ ତୋ ରାଜ୍ୟରେ ମରୁଡ଼ି ହୋଇଯାଉ। ବାରବର୍ଷ ପର୍ଯ୍ୟନ୍ତ ବର୍ଷା ନହେଉ ପ୍ରଜାମାନେ ଅନ୍ନ କଷ୍ଟରେ ମୃତ୍ୟୁବରଣ କରନ୍ତୁ। ରାଜା ଏଭଳି ଅଭିଶାପ ପାଇଁ ଦୁଃଖିତ ହେଲେ ଏବଂ ଏଥିରୁ କିପରି ମୁକ୍ତି ହେବି ବୋଲି ପଚାରିବାରୁ ବ୍ରାହ୍ମଣ କହିଲା ଯେବେ ଋଷ୍ୟଶୃଙ୍ଗ ମହର୍ଷିଙ୍କୁ ତୁମ ଦେଶକୁ ଆଣିପାରିବ ତେବେ ସେ ଚାହିଁଲେ ବର୍ଷା ହେବ ଓ ରାଜ୍ୟ ପୁଣି ଶସ୍ୟଶ୍ୟାମଳା ହେବ। ଏହାରି ଭିତରେ ୧୧ ବର୍ଷ ଅତିବାହିତ ହୋଇଗଲା ବର୍ଷା ନ ହେବାରୁ ରାଜା ନାରଦଙ୍କୁ ପଚାରି ରାଜ୍ୟକୁ ବ୍ରାହ୍ମଣମାନଙ୍କୁ ଡକାଇ ପୂଜା କଲେ ଓ ଏହାର ପ୍ରତିକାର କିପରି ହେବ ଏବଂ ଋଷ୍ୟଶୃଙ୍ଗ ମହର୍ଷି କେଉଁଠି ଅଛନ୍ତି ବୋଲି ପଚାରିଲେ। ବ୍ରାହ୍ମଣମାନେ କହିଲେ, "ନର୍ମଦା ନଦୀ କୂଳରେ ତାଙ୍କ ବାପାଙ୍କ ପାଖରେ ଋଷ୍ୟଶୃଙ୍ଗ ଅଛନ୍ତି। ତାଙ୍କୁ କିପରି ଏଠାକୁ ଆଣିବ ତା'ର ବ୍ୟବସ୍ଥା ନିଜେ କର। ଏହା ଶୁଣି ଲୋମପାଦ ରାଜା ତାଙ୍କ ରାଜ୍ୟର ଜରତା ବେଶ୍ୟାକୁ ଋଷ୍ୟଶୃଙ୍ଗ ଆଣିବାପାଇଁ ପଠାଇଲେ। ରାମାୟଣ ଅନୁସରଣରେ...

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବାଣୀକଣ୍ଠ ନଗର, ଦୂରଭାଷ - ୬୩୭୦୮୫୯୭୫୫**






# ବିଜେଡି ପକ୍ଷରୁ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଢେଙ୍କାନାଳ** : ରାଜ୍ୟ ସରକାରଙ୍କ ଓଡ଼ିଶାର ଚାଷୀ ଙ୍କ ପ୍ରତି ବୈମାତୃକ ମନୋଭାବ ବିରୁଦ୍ଧରେ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ତଥା ବିଜୁ ଜନତା ଦଳ ର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲ୍ଲା ରେ ବିଶାଳ ଚାଷୀ ସମ୍ମିଳନୀ ଓ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଅଛି । ଏକ ବିଶାଳ ରାଲି ବାଜିଚୌକ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାକୁ ଜିଲ୍ଲା ବିଜେଡ଼ି ସଭାପତି ତଥା ପରଜଙ୍ଗ ର ପୂର୍ବତନ ବିଧାୟକ ଡ଼ ନୃସିଂହ ଚରଣ ସାହୁ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀ ରେ ରାଜ୍ୟ ବିଜେଡି ର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ,ଢେଙ୍କାନାଳ ର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ମହେଶ ସାହୁ,ଢେଙ୍କାନାଳ ର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସୁଧୀର କୁମାର ସାମଲ,କାର୍ଯ୍ୟକାରୀ ସଭାପତି ଶ୍ରୀ ସନ୍ଦୀପ ଷଡ଼ଙ୍ଗୀ,ଜିଲ୍ଲା ଯୁବ ବିଜେଡ଼ି ସଭାପତି ଶ୍ରୀଯୁକ୍ତ ଧର୍ମାନନ୍ଦ ପରିଡ଼ା ଓ ଜିଲ୍ଲା ର ସମସ୍ତ ଛାମୁଆ ସଂଗଠନର ସଭାପତି ,ସଭାନେତ୍ରୀ ମାନେ ଯୋଗ ଦେଇ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

### ଡବଲ ଇଂଜିନ ସରକାର ବିରୁଦ୍ଧରେ ରଣହୁଙ୍କାର

# କଟକ ବିଜେଡି ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା ଓ ଦାବିପତ୍ର



**କଟକ** : ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଚାଷୀ ମାରଣନୀତି, ସରକାରଙ୍କ ମିଛ ପ୍ରତିଶ୍ରୁତି ବିରୋଧରେ ରାଜରାସ୍ତାକୁ ଓହ୍ଲାଇ ଗର୍ଜିଲା ବିରୋଧୀ ବିଜେଡି । ଏ ନେଇ ସନସାଇନ ଖେଳ ପଡିଆରେ ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା । ଯେଉଁଥିରେ ବିଜେଡିର ବହୁ ଟାଣୁଆ ନେତା ମାନେ ସାମିଲ ହୋଇଥିଲେ । ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ନେତା ସଂତୃପ୍ତ ମିଶ୍ର, ଦେବୀ ମିଶ୍ର, ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ମେୟର ସୁବାଷ ସିଂହ ପ୍ରମୁଖ ଯୋଗ ଦେଇ ଡବଲ ଇଞ୍ଜିନ ସରକାରକୁ ଭର୍ତ୍ସନା କରିଥିଲେ । ପରେ ଏକ ବିରାଟ ରାଲି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜନମାରଣ ନୀତି ବିରୁଦ୍ଧରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ମହେନ୍ଦ୍ର ନାୟକ, ମହମ୍ମଦ ସକିଲ, ନନ୍ଦଲାଲ ସିଂହ, ପ୍ରକାଶ ସିଂହ, ଦେବେନ୍ଦ୍ର ପାଣିଗ୍ରାହୀ, ସୁବୋଧ ବେହେରା, ବିଳାସ ମଲ୍ଲିକ, ପ୍ରେମଚାନ୍ଦ ନାୟକ, ଏସ ଶ୍ରୀଦେବୀ, ପୂର୍ଣ୍ଣିମା ସିଂହ, ଆରତୀ ସାହୁ, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ରଣା, ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର କାହାଳୀ, ଅନିତା ବେହେରା, ଦିପ୍ତିମୟୀ ମୂଳିଆ, ସୌଭାଗିନୀ ଜେନା, ମହମ୍ମଦ ଫରିଦ, ଜୟଦେବ ଜେନା, ସୁବ୍ରତ ଘଡ଼େଇ, ଅରବିନ୍ଦ ଜେନା, ଇଂ ଆଶିଷ ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ, ନିମାଇଁ ବିଶ୍ୱାଳ, ସ୍ମୃତିରଞ୍ଜନ ନାୟକ, ଅଜୟ ମହାନ୍ତି, ସତ୍ୟବ୍ରତ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ଯୁବଛାତ୍ର, ମହିଳା କର୍ମୀ ମାନେ ଉପସ୍ଥିତ ଥିଲେ ।

# ଚମ୍ପେଶ୍ୱରଙ୍କ ପୀଠରେ ୫୦ତମ ବିଶ୍ୱଶାନ୍ତି ମହାଯଜ୍ଞ

**ଚମ୍ପେଶ୍ୱର** : ଚଳିତ ୧୫ରୁ ୨୦ ପର୍ଯ୍ୟନ୍ତ ଚମ୍ପେଶ୍ୱରଙ୍କ ପୀଠରେ ୫୦ ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟମ ବାର୍ଷିକ ଚବିଶ ପ୍ରହାର ନାମଯଜ୍ଞ ଥାଇଲୋ ଗ୍ରାମ, ବାଲିକୁଦା, ଜଗତସିଂହପୁର ଠାରେ ସୁଧାଂଶୁ ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଦେବାଶିଷ ଦାସ, ବିଭୁତି ବଳ, ରମଣୀ ଦାସ, ଅମୀୟ, ଭମରା ପରିଡା, ଲିପନ ଦାସ, ଯତୀନ ପରିଡା, କ୍ଷୀରୋଦ, ବିଜୁ ଦାସ, ହେମନ୍ ବଳ, ବିଚିତ୍ରା ସୋଇ, ବଳରାମ, ବିରଞ୍ଚି ଦାସ, ବାସୁ ପରିଡା, ସୁର ଦାସ, କୃଷ୍ଣ ଦାସ, ଜଟ ବଳ, ବାବାଜୀ ବଳ, ଦିବାକର ଙ୍କ ସହିତ ଚାରୋଟି ଗ୍ରାମର ଅଧିବାସୀ ମାନେ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା ମଧ ଅଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



# ପିଏମ୍‌ଶ୍ରୀ ସତ୍‌ସଙ୍ଗ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ





**କଟକ** : ପିଏମ୍‌ଶ୍ରୀ ସତସଙ୍ଗ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ର ବିଧାୟକ ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ହିସାବରେ ଯୋଗ ଦେଇଥିଲେ, ସନମାନିତ ଅତିଥି ଭାବେ ୫୩ ୱାର୍ଡ କର୍ପୋରେଟର ଶ୍ରୀଯୁକ୍ତ ଅରବିନ୍ଦ ଜେନା, ହର୍ଷିକା ମେଡ଼ିଆ ର ମୁଖ୍ୟ ସମ୍ପାଦକ ଡ଼ଃ ବ୍ୟୋମକେଶ କାନୁନଗୋ, ବାଇଶି ଦିଗଭାଗର ସର୍ବାଧିକରି ସୁବାଷ ସାହୁ, ଦରଘା ପାଟଣା ଅଧିକାରୀ ନାରାୟଣ ପରିଡା ଉପସ୍ଥିତ ଥିଲେ। ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ଅଧକ୍ୟତା ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଏହି କାର୍ଯ୍ୟକ୍ରମରେ ସ୍କୁଲ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ମମତା ମିଶ୍ର (ପ୍ରଧାନଶିକ୍ଷକ), ଲକ୍ଷ୍ମୀପ୍ରିୟା ରାଉତ (ସିଆର୍‌ସିସି), ପ୍ରତାପ କୁମାର ମହାରଣା, ଅନୁଜ୍ଞା ସ୍ୱାଇଁ, ଆଶ୍ରିତା ଦାସ, ଶୁଭସ୍ମିତା ମହାନ୍ତି, ମୋହନ କୁମାର ସ୍ୱାଇଁ, ଅନନ୍ୟା ଆଚାର୍ଯ୍ୟ, ମନୀଷା ପଣ୍ଡା, ତନୁଶ୍ରୀ ପ୍ରଧାନ, ଶୁଭଶ୍ରୀ ମହାପାତ୍ର, ସନ୍ଧ୍ୟାରାଣୀ ବିଶ୍ୱାଳ, ବାଦଲ କୁମାର ସେଠୀ, ପ୍ରାପ୍ତି ମିଶ୍ର, ନମିତା ସାହୁ, ଶାନ୍ତିଲାତା ସିଂହଦେଓ, ଆରତୀ ସାହୁ, ସୁନୀତା ମଲ୍ଲିକ, ବର୍ଷା ପ୍ରିୟଦର୍ଶିନୀ ଦାସ, ସମାପିକା ଲେଙ୍କା, ଶର୍ମିଷ୍ଠା ମହାନ୍ତି, ସୁବ୍ରତ କୁମାର ସାହୁ (୪ର୍ଥ ଶ୍ରେଣୀ କର୍ମଚାରୀ), ଅଞ୍ଜଳୀ ସେଠୀ (ପାଚିକା), ବିଜୁଳୀ ନାୟକ (ପାଚିକା), ମୈତ୍ରୀ ସେଠୀ (ପାଚିକା)।






# ଗଢ଼ଣ ଅନୁଯାୟୀ ପ୍ରସାଧନ





ପ୍ରସାଧନ ଚେହେରାକୁ ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ । ତେବେ ଗଢ଼ଣ ଅନୁସାରେ ପ୍ରସାଧନ କଲେ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୁଏ । ମୁହଁ ଗୋଲାକାର ଥିଲେ, ଗାଢ଼ ରଙ୍ଗର ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ । ଗ୍ଲସ୍ ବ୍ୟବହାର କରୁଥିଲେ, ବୃତ୍ତାକାରରେ ନ ଲଗାଇ ସମାନ୍ତରାଳ ଭାବରେ ଗାଲରୁ କାନ ପର୍ଯ୍ୟନ୍ତ ଲଗାନ୍ତୁ । ବୃତ୍ତାକାରରେ ଲଗାଇଲେ ଚେହେରା ଅଧିକ ଗୋଲ ଦିଶେ । ଓଠରେ ଗାଢ଼ ଲିପ୍‌ଷ୍ଟିକ୍ ସହ ଗ୍ଲସ୍ ଗୋଲ ଗଢ଼ଣକୁ ବେଶ୍ ମାନେ । ଆଖି ଡିମ୍ବାକୃତି ମୁହଁର ମୁଖ୍ୟ ଆକର୍ଷଣ । ତେଣୁ ଆଖିକୁ ହାଇଲାଇଟ୍ କରନ୍ତୁ । ସ୍ମୋକି ଆଇ ଲୁକ୍ ଏମାନଙ୍କୁ ଭଲ ମାନେ । ଆଖି କିମ୍ବା ଓଠ ଉଭୟରୁ ଗୋଟିଏକୁ ଗୁରୁତ୍ୱ ଦିଅନ୍ତୁ । ଓଠରେ ଗାଢ଼ ରଙ୍ଗ ବ୍ୟବହାର କରୁଥିଲେ ଆଖିରେ ହାଲୁକା ପ୍ରସାଧନ ଲଗାନ୍ତୁ । ଲାଲ ଲିପ୍‌ଷ୍ଟିକ୍ ସହ ବ୍ରାଉନ୍ ଆଇସାଡୋ, ମସ୍କାରା ଏବଂ ଆଇ ଲାଇନର୍ ବ୍ୟବହାର କରନ୍ତୁ । ମୁହଁ ବର୍ଗାକାର ଥିଲେ ମଥା, ଥୋଡ଼ି ଏବଂ ହନୁହାଡ଼ର ମଧ୍ୟ ଭାଗରେ ହାଇଲାଇଟର୍ ବ୍ୟବହାର କରନ୍ତୁ । ହାଇଲାଇଟର୍‌କୁ ସନ୍ତୁଳିତ କରିବାପାଇଁ ଗାଢ଼ ରଙ୍ଗର ଫାଉଣ୍ଡେସନ୍ କିମ୍ବା ବ୍ରୋଞ୍ଜର୍ ଲଗାଇପାରିବେ । ଓଠକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ । ପାନପତ୍ରାକୃତି ଯୁବତୀମାନେ କମ୍ ପ୍ରସାଧନ କଲେ ଭଲ ।

# କ୍ଷୁଦ୍ରତମ ତରଭୁଜ



ଆଜିକାଲି ନାନୋ ଯୁଗ ଚାଲିଛି; ଛୋଟ ଛୋଟ ଜିନିଷ ପାଇଁ ଚାରିଆଡ଼େ ପ୍ରବଳ ଆଗ୍ରହ । ମହିଳାମାନେ ସୁଦ୍ଧା ନିଜ ନିଜର ସମ୍ପଦକୁ କ୍ଷୁଦ୍ର ରୂପେ ଦେବାପାଇଁ ଆଗ୍ରହୀ; ନ ହେଲେ କ'ଣ "ସାଇଜ୍ ଜିରୋ' କରିନାଙ୍କ ନାଁ ଉଠିପାରିଥାଆନ୍ତା ସର୍ବକାଳୀନ ସୁପର୍-ଷ୍ଟାର୍ ତାଲିକାକୁ । ଶୁଣନ୍ତୁ ବିଶ୍ୱର କ୍ଷୁଦ୍ରତମ ତରଭୁଜ ସମ୍ପର୍କରେ । ଦକ୍ଷିଣ ଆମେରିକାର ମିଳୁଥିବା ଜଙ୍ଗଲୀ ଫଳ 'ପିପକ୍ୱିନୋଜ୍'କୁ ବିଶ୍ୱର କ୍ଷୁଦ୍ରତମ ତରଭୁଜ କୁହାଯାଉଛି । ଏହା ମଣିଷର ଖାଦ୍ୟ ଉପଯୋଗୀ ଏକ ବିରଳ ପ୍ରଜାତିର ଫଳ । ବାହାର ପାଖ ଦେଖିବାକୁ ତରଭୁଜ ପରି; ଏବଂ ଭିତର କାକୁଡ଼ି ପରି । ଏହାକୁ କଞ୍ଚା ଏବଂ ଭାଜି ଖିଆଯାଇପାରେ । ପିପକ୍ୱିନୋଲ୍ ଅତି ବେଶିରେ ୩ ସେଣ୍ଟିମିଟର୍ ଯାଏ ବଢ଼ିଥାଏ । ୧୯୮୭ରେ ଏହି ପ୍ରାଚୀନ ଫଳ କଥା ଜଣାପଡ଼ିଥିଲା । ଜଣେ ଡଚ୍ ଆବିଷ୍କାରକ ଏହାକୁ ଇଉରୋପ୍‌ରେ ପରିଚିତ କରାଇଥିଲେ ।

# ମଧୁର ସ୍ୱର














ମଣିଷ ଗୀତ ଗାଏ । କିଛି ପକ୍ଷୀ ବି ନିଜ ନିଜର ସୁଲଳିତ କଣ୍ଠରେ ମଧୁର ସ୍ୱର ସୃଷ୍ଟି କରନ୍ତି, ଯାହାକୁ ସେହି ପକ୍ଷୀର ଗୀତ ବୋଲି କୁହାଯାଏ । ଏହି ଗୀତ ଅନ୍ୟମାନଙ୍କୁ ଆନନ୍ଦପ୍ରଦାନ କରେ ଏବଂ ସେ ଆଡକୁ ଆକର୍ଷିତ କରିଥାଏ । ତେବେ ଏସବୁ ଏବଂ ସେ ଆଡକୁ ଆକର୍ଷିତ କରିଥାଏ । ତେବେ ଏସବୁ ଭିତରେ ମଣିଷର ଗୀତ ବୋଧଗମ୍ୟ, ମଧୁର ଏବଂ ଶ୍ରବଣଯୋଗ୍ୟ ହୁଏ । କାରଣ ସ୍ୱର ନାଳିକାରେ ଥିବା ଏକ ପ୍ରକାର ସ୍ୱତନ୍ତ୍ର ଧରଣର ମାଂସପେଶୀ, ଯାହା ସଂକୁଚିତ ଏବଂ ପ୍ରସାରିତ ହୋଇ ମଧୁର ଧ୍ୱନି ସୃଷ୍ଟି କରିଥାଏ । ନିକଟରେ ଗବେଷକମାନେ ଏ ସଂକ୍ରାନ୍ତରେ ଏକ ରୋଚକ ତଥ୍ୟ ପ୍ରଦାନ କରିଛନ୍ତି । ସେମାନେ କହିଛନ୍ତି, ସ୍ୱରନାଳିକାର ମାଂସପେଶୀ ଯେତେବେଶି ସଙ୍କୁଚିତ ପ୍ରସାରିତ ହୋଇପାରେ ସେତେ ଅଧିକ ମଧୁର ଧ୍ୱନି ବାହାରକୁ ଆସିପାରେ । ଏହି କାରଣରୁ ସବୁ ମଣିଷଙ୍କର କଥା ମଧୁର ନୁହେଁ । ଗୋଟିଏ କଥା କୁହାଯାଏ- ସବୁ ମଣିଷ ଗୀତ ଗାଇ ପାରନ୍ତି । କିନ୍ତୁ ସବୁ ଗୀତ ଗାଉଥିବା ମଣିଷ ଗାୟକ ହୋଇପାରନ୍ତି ନାହିଁ । ଏଥିପାଇଁ ସ୍ୱର ନାଳିକାସ୍ଥିତ ମାଂସପେଶୀ ହିଁ ପୂର୍ଣ୍ଣମାତ୍ରାରେ ଦାୟୀ । ଗୀତ ଗାଇପାରନ୍ତି ନାହିଁ ବୋଲି ମନଦୁଃଖ କରୁଥିବା ଅଥବା ଅବଶୋଷରେ ଦିନ କଟାଉଥିବା ମଣିଷମାନେ ଅନ୍ତତଃ ଏହି କଥାକୁ ମନରେ ଆଣି ନିଜକୁ ବ୍ୟବସ୍ଥିତ କରିବା ଦରକାର । ଅବଶ୍ୟ ଏବେ ମେଡିକାଲ୍ ସାଇନ୍ସର ସହାୟତା ନେଇ ଅସମ୍ଭବକୁ ସମ୍ଭବ କରାଯାଇ ପାରୁଛି । ଆବଶ୍ୟକ ସ୍ଥଳେ ସ୍ୱରନାଳିକା ବା ଭୋକାଲ କର୍ଡର ମାଂସପେଶୀକୁ ସର୍ଜରୀ ଦ୍ୱାରା ପରିବର୍ତ୍ତିତ କରାଯାଇ ପାରୁଛି । ତଥାପି ଏଭଳି ଉଦାହରଣ କ୍ୱଚିତ୍ । କାରଣ ସ୍ୱରନାଳିକାର ମାଂସପେଶୀ ଏବେ ସମ୍ବେଦନଶୀଳ ଯେ ସାମାନ୍ୟ ଅସତର୍କତାରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।

ଅମୁକ ପଶୁ ଗୀତ ଗାଉଛି ବୋଲି କେହି କହନ୍ତି ନାହିଁ । କାରଣ ପଶୁଗୁଡିକର କଣ୍ଠସ୍ୱରକୁ ଏଯାଏ ମଧୁର ବା ସୁଲଳିତ ପର୍ଯ୍ୟାୟଭୁକ୍ତ କରାଯାଇନାହିଁ । ଯଦିଓ ବିରାଡି ଭଳି କିଛି ପଶୁଙ୍କ କଣ୍ଠସ୍ୱର ଖୁବ୍ ସରୁ ଏବଂ ମଧୁର ତଥାପି ତାହାକୁ ସଂଗୀତ ପର୍ଯ୍ୟାୟରେ ନିଆଯାଏ ନାହିଁ । ପୁଣି ବିରାଡିଙ୍କଠାରୁ କୁକୁର, ଗଧ ଅଥବା ବାଘର କଣ୍ଠସ୍ୱର ଯଥେଷ୍ଟ ଭିନ୍ନ ଏବଂ କର୍କଶ । ଏହି ପଶୁଗୁଡିକର କଣ୍ଠରେ ଥିବା ମାଂସପେଶୀକୁ ନେଇ ପରୀକ୍ଷା କରି ଦେଖାଯାଇଛି ଯେ, ଉକ୍ତ ମାଂସପେଶୀକୁ ନେଇ ପରୀକ୍ଷା କରି ଦେଖାଯାଇଛି ଯେ, ଉକ୍ତ ମାଂସପେଶୀଗୁଡିକ ଯଥେଷ୍ଟ ମୋଟା ଏବଂ ଶକ୍ତ । ସେଗୁଡିକର ସଙ୍କୋଚନ ପ୍ରସାରଣ ମାତ୍ରା ଖୁବ୍ କମ୍ । ଅତଏବ ମଧୁର ଧ୍ୱନି ବାହାରିବା ମୁସ୍କିଲ୍ । କେତେକ ପକ୍ଷୀ ଅଛନ୍ତି ଯେଉଁ ଗୁଡିକ ମଣିଷଠାରୁ ଯଥେଷ୍ଟ ଅଧିକ ଗୁଣରେ ମଧୁର ଶବ୍ଦ ସୃଷ୍ଟି କରିପାରନ୍ତି । ଏହିସବୁ ପକ୍ଷୀଙ୍କୁ 'ସଂଗ୍‌ବାର୍ଡ' ବୋଲି କୁହାଯାଏ । ଯେମିତି ଆମ ଅଞ୍ଚଳରେ ବସନ୍ତ ଋତୁରେ ଗୀତ ଗାଉଥିବା 'କୋଇଲି' ଉତ୍ତର ଆମେରିକା, ୟୁରେସିଆ ସମେତ ୟୁରୋପରେ ଦେଖିବାକୁ ମିଳୁଥିବା ଚଢେଇ 'ୟୁରୋପିଆନ୍ ଷ୍ଟର୍ଲିଂ' ଏବଂ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆରେ ଦେଖିବାକୁ ମିଳୁଥିବା 'ଜେବ୍ରାଫିଞ୍ଚ' । ଏହିସବୁ ପକ୍ଷୀଙ୍କ କଣ୍ଠର ମାଂସପେଶୀ ଅତି ନରମ, ପତଳା ଏବଂ ସମ୍ବେଦନଶୀଳ । ୟୁନିଭର୍ସିଟି ଅଫ୍ ୟୁଟାର୍ ଗବେଷକମାନେ ଏ ସଂକ୍ରାନ୍ତରେ ମତବ୍ୟକ୍ତ କରି କହିଛନ୍ତି ଯେ, ମଣିଷର ଆଖି ଏକ ସେକେଣ୍ଡରେ ଏକ ଶତାଂଶ ସମୟରେ ଯେତିକି ଥର ସଙ୍କୁଚିତ ପ୍ରସାରିତ ହୋଇଥାଏ ଏହି ସବୁ ପକ୍ଷୀଙ୍କର ସ୍ୱରନାଳିକାରେ ଥିବା ମାଂସପେଶୀ ତା'ଠୁ ଶହେଗୁଣ ଅଧିକ ବେଗରେ ସଙ୍କୁଚିତ ଏବଂ ପ୍ରସାରିତ ହୋଇଥାଏ । ଏଥିପାଇଁ ଉକ୍ତ ପକ୍ଷୀଗୁଡିକ ମଣିଷଠାରୁ ମଧ୍ୟ ଅଧିକ ସୁନ୍ଦର ସଂଗୀତ ସୃଷ୍ଟି କରିପାରନ୍ତି ବୋଲି ୟୁନିଭର୍ସିଟି ଅଫ୍ ୟୁଟାର୍ ପ୍ରାଣୀ ବିଜ୍ଞାନ ବିଭାଗ ଗବେଷକ କୋଏନ୍ ଏଲେମ୍ୟାନ୍ ପ୍ରକାଶ କରିଛନ୍ତି । ସେ କହିଛନ୍ତି ସେ, ଆମେ ଏକାଧିକ ସଂଗ୍‌ବାର୍ଡ ବା ଗାୟକପକ୍ଷୀ ନେଇ ସେମାନଙ୍କ ସ୍ୱରନାଳିକାର ମାଂସପେଶୀ ସମାନୁରୂପ ବୋଲି ଜଣାପଡିଥିଲା । ସବୁଠୁ କୌତୂହଳର ବିଷୟ ସଂଗ୍‌ବାର୍ଡର ନିଜର ସ୍ୱରନାଳିକା ଉପରେ ଶତ ପ୍ରତିଶତ ନିୟନ୍ତ୍ରଣ ଥାଏ । ତେଣୁ ଏହା ଯେତେବେଳେ ଚାହେଁ ଉଚ୍ଛା ଅନୁସାରେ ନିଜ ସ୍ୱର ଭିନ୍ନ ଭିନ୍ନ କରିପାରେ, ଠିକ୍ ମଣିଷ ଭଳି । ଗବେଷକମାନେ କହିଛନ୍ତି, ମୁଖ୍ୟତଃ ମିଳନ ସମୟରେ ଏବଂ ବିପଦ ବେଳେ ଏକତ୍ରିତ ହେବା ପାଇଁ ସଂଗ୍‌ବାର୍ଡ ଦୁଇଟି ଭିନ୍ନ କିସମର ସ୍ୱର ସୃଷ୍ଟି କରିଥାଏ । ବିପଦ ଘନେଇ ଆସିଲେ ଏହା ଖୁବ୍ ଜଟିଳ ସଂଗୀତ ଗାଇଥାଏ ବା ଜଟିଳ ଧ୍ୱନି ସୃଷ୍ଟିକରି ଅନ୍ୟର ସାହାଯ୍ୟ ଲୋଡିଥାଏ । ଠିକ୍ ସେମିତି ମିଳନ ସମୟ ପାଖେଇ ଆସିଲେ ସୁମଧୁର ଧ୍ୱନି ସୃଷ୍ଟି କରି ନିଜ ସାଥୀକୁ ଆହ୍ୱାନ କରିଥାଏ ।

କେବଳ ପକ୍ଷୀ ବା ମଣିଷ ଯେ ମଧୁର ସ୍ୱର ସୃଷ୍ଟି କରନ୍ତି ସେ କଥା ନୁହେଁ, କେତେକ ସରୀସୃପ ମଧ୍ୟ ନିଜର ସ୍ୱରନାଳିକାରୁ ମଧୁର ସ୍ୱର ବାହାର କରିଥାଆନ୍ତି ବୋଲି ଗବେଷକମାନଙ୍କ ମତ । ଏହି ସରୀସୃପ ମଧ୍ୟରେ 'ର୍‍ୟାଟଲସ୍ନେକ୍' ଅନ୍ୟତମ । ଏହାର କଣ୍ଠରେ ସ୍ୱର ସୃଷ୍ଟିକାରୀ ମାଂସପେଶୀ ରହିଛି ଏବଂ ଏହା ମୁଖ୍ୟତଃ ଶିକାର ଅନ୍ୱେଷଣ ବେଳେ ଏହାର ବ୍ୟବହାର କରିଥାଏ ବୋଲି କୋଏନ୍ ଏଲେମ୍ୟାନ୍ କହିଛନ୍ତି । ସେ କହିଛନ୍ତି ଯେ, ଏହା ମଧୁର ସ୍ୱର ସୃଷ୍ଟିକରି ଅନ୍ୟକୁ ଆହ୍ୱାନ କରିଥାଏ । ବିଶେଷତଃ ପକ୍ଷୀଗୁଡିକ ଏହାର ଧ୍ୱନିରେ ଭ୍ରମାୟିତ ହୋଇ ତା' ପାଖକୁ ଚାଲିଆସନ୍ତି ଏବଂ ସେ ସେମାନଙ୍କୁ ଧରି ଖାଇଥାଏ । ଏହି ସାପ ଭଳି ଆହୁରି ବିଷାକ୍ତ ସରୀସୃପ ୟୁରୋପ ଏବଂ ଆଫ୍ରିକାରେ ଦେଖାଯାଇଥାଆନ୍ତି, ଯେଉଁଗୁଡିକ ନିକଟରେ ସ୍ୱର ସୃଷ୍ଟିକାରୀ ମାଂସପେଶୀ ରହିଥାଏ । ଜେବ୍ରାଫିଞ୍ଚ ଏବଂ ୟୁରୋପୀୟ ଷ୍ଟର୍ଲିଂ ନିଜର ସ୍ୱରନାଳିକାର ମାଂସପେଶୀକୁ ମାତ୍ର ଗୋଟିଏ ସେକେଣ୍ଡରେ ୩ ହଜାରରୁ ୪ ହଜାର ଥର ସଂକୋଚନ ପ୍ରସାରଣ କରିପରିଥାଏ । ଏହା ମଣିଷ ଆଖି ସଂକୋଚନ ପ୍ରସାରଣଠାରୁ ଶହେ ଗୁଣ ଅଧିକ । ସୂଚନାଯୋଗ୍ୟ ଯେ, ଜଣେ ମଣିଷର ଆଖି ଗୋଟିଏ ସେକେଣ୍ଡରେ ୩୦୦ରୁ ୪୦୦ ଥର ସଂକୁଚିତ ପ୍ରସାରିତ ହୋଇଥାଏ । ମଣିଷର ସ୍ୱରନାଳିକାରେ ଏକ ପ୍ରକାର ମାଂସପେଶୀ ଥାଏ ଯାହାକୁ 'ଭୋକାଲ୍ ଫୋର୍ଡ' କୁହାଯାଏ । ଏହାର କଠିନତା ଏବଂ ସରଳତା ଉପରେ ନୁର୍ଭର କରେ ସ୍ୱର କମ୍ପନ୍ନ । ମଣିଷ ଏହା ଉପରେ ନିୟନ୍ତ୍ରଣ ରଖି ଭିନ୍ନ ଭିନ୍ନ ସ୍ୱର ବାହାର କରିଥାଏ । ସଂଗ୍‌ବାର୍ଡ, ର୍‍ୟାଟେଲସ୍ନେକ୍ ବା ସ୍ୱତନ୍ତ୍ର ପ୍ରଜାତି। ସାମୁଦ୍ରିକ ମାଛଙ୍କ ସ୍ୱରନାଳିକାର ଗଠନ ମଣିଷର ଭୋକାଲ ଫୋର୍ଡ ସହିତ ଶତ ପ୍ରତିଶତ ସମାନ ।

# ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ







■ **ଢେଙ୍କାନାଳ** : ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଗ୍ରହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ଅର୍ପିତା ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ନାରିଶକ୍ତିର ଜାଗୃତି ପାଇଁ ଏକ ଅମୋଘ ଅସ୍ତ୍ର ବୋଲି କହିଥିଲେ । ସ୍ୱାବଲମ୍ବୀ,ସ୍ୱୟଂସମ୍ପୂର୍ଣ୍ଣ, ଆତ୍ମନିର୍ଭରଶୀଳ ନାରୀଟିଏ ଏ ସମାଜର ମାନଦଣ୍ଡ । ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟା, ଅବସପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଢେଙ୍କାନାଳର ପୂର୍ବତନ ଶିଶୁମଙ୍ଗଳ କମିଟି ସଦସ୍ୟା ଶ୍ରୀମତୀ କୃସିତା ବେଗମ୍ ଯୋଗଦେଇ ପିଲାମାନଙ୍କୁ ବୁଝାଇ ଥିଲେ ଯେ ଲିଙ୍ଗଗତ ବୈଷମ୍ୟଠାରୁ ଯଥେଷ୍ଟ ଉପରକୁ ଉଠି ସେମାନଙ୍କୁ ଏକ ନୂତନ ସମାଜ ପ୍ରତିଷ୍ଠା କରିବାକୁ ପଡ଼ିବ । ସେଥିପାଇଁ ଦୃଢ଼ ମନବଳ, ଅକ୍ଲାନ୍ତ ପରିଶ୍ରମ ଏବଂ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଛାତ୍ରୀ ମାନଙ୍କୁ ନିଜର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିରକରି ସେହିଦିଗରେ ହିଁ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ । ଉନ୍ନତ ମାନର ଶିକ୍ଷା ହିଁ ଏକବିଂଶ ଶତାବ୍ଦୀର ଉତ୍ତାନପାଦ ମନୁଷ୍ୟର ପ୍ରଥମ ଆବଶ୍ୟକତା ବୋଲି ମତପ୍ରକାଶ କରିଥିଲେ । ଗୋଟିଏ ମହାବିଦ୍ୟାଳୟ ତା'ର କୋଠାବାଡ଼ି ନୁହେଁ ବରଂ ଛାତ୍ରୀମାନଙ୍କର ଗୁଣବତ୍ତାରେ ସୁନାମଧନ୍ୟ ହୋଇଥାଏ ବୋଲି ମତ ପୋଷଣ କରିଥିଲେ । ସୁସ୍ଥ ପରିବେଶ ସୁସ୍ଥ ଚିନ୍ତାଧାରାର ପରିଚାୟକ ଏହା ତାଙ୍କର ମୁଖ୍ୟ ଅଭିବ୍ୟକ୍ତି ଥିଲା । ନିୟମିତତା ଏବଂ ସମୟାନୁବର୍ତ୍ତିତା ହିଁ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ସୁନିତା ମିଶ୍ର ନିଜର ଅନୁଭୂତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗ

■ **ଗଞ୍ଜାମ** : ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସାର୍ଦ୍ଦୁଳ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଶୁକ୍ରବାର ରାତିରେ ଚୋର ସନ୍ଦେହରେ ଦୁଇ ଜଣ ଯୁବକଙ୍କୁ ବିଦ୍ୟୁତ ଖୁଂଟରେ ବାନ୍ଧିଥିଲେ ଗ୍ରାମବାସୀ । ଏହାପରେ ଦୁହିଁଙ୍କୁ ପିଟି ପିଟି ଲହୁଲୁହାଣ କରିଦେଇଥିଲେ । ଖବର ପାଇ ଭଞ୍ଜନଗର ପୁଲିସ ଘଟଣାସ୍ଥଳରେ ପହଂଚି ଆହତ ଦ୍ୱୟଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆହତ ଦୁଇ ଜଣଙ୍କ ମଧ୍ୟରୁ ଜଣକର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତାହତ ଦ୍ୱୟ କନ୍ଧମାଳ ଜିଲ୍ଲାର ବୋଲି ଜଣାପଡିଛି । ମୃତ ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମର ବାଣଧର ପ୍ରଧାନ (୪୦) । ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ଛତ୍ରପୁରଠାରେ ବିଜେପିର ମିଶ୍ରଣ ପର୍ବ



## ବିଜେଡିର ୨ ଜିଲ୍ଲା ପରିଷଦ ସଭ୍ୟା ଓ ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି ବିଜେପିରେ ସାମିଲ ହେଲେ

■ **ଛତ୍ରପୁର** : ଛତ୍ରପୁର ସ୍ଥିତ ଶିବକୁମାର ପଟ୍ଟନାୟକ ରିଡିଂ ରୁମ୍ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବିଜେପି ରାଜ୍ୟ ସାଂଗଠନିକ ସଂପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସାରଦା ପ୍ରସାଦ ଶତପଥୀଙ୍କ ଉପସ୍ଥିତିରେ ଛତ୍ରପୁର ବ୍ଲକ ବିଜେଡିର ୧୯ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ୨୧ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି କାଳିଆ ନାହାକ, ପୂର୍ବତନ ସରପଂଚ ସୋମନାଥ ବେହେରା ଓ ସନିଆ ବାଡତ୍ୟା, ପୂର୍ବତନ ସମିତିସଭ୍ୟା ସୁକାନ୍ତି ବେହେରା, ଯୁବନେତା କିଶୋର ବେହେରାଙ୍କ ସମେତ ବହୁ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ସାଂସଦ ପ୍ରତିନିଧି ଆର୍. ସନ୍ତୋଷ ରେଡ୍ଡୀ, ରୁଇନା ପଟ୍ଟନାୟକ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ.ଶାରଦା ରେଡି, ବିଜେପି ଜିଲ୍ଲା ସାଧାରଣ ସଂପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସଂପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ କୁମାର ବେହେରା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ରମ୍ଭା ଏନ୍ଏସି ଅଧ୍ୟକ୍ଷା ମାନସି ସ୍ୱାଇଁ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି କିର୍ତ୍ତନ ଦାସ, ଛତ୍ରପୁର ମଣ୍ଡଳ ସଭାପତି ଗୋରୀଶଙ୍କର ନାହାକ, ପୂର୍ବତନ ଜିଲ୍ଲା ସଂପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ଲୋକନାଥ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ରଶ୍ମିରାଣୀ ମହାପାତ୍ର, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ସୁନ୍ଦରପୁର ସରପଂଚ ଗଗନ ବେହେରା, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସଂପଦ ନାହାକ, ବିଏମ୍ସି ନେତା ଅର୍ଜୁନ ବେହେରା ପ୍ରମୁଖ ମଂଚାସୀନ ଥିଲେ ।

## ● ପି.ଏମ୍.ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ

# ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ




■ **ଢେଙ୍କାନାଳ** : ପି.ଏମ୍.ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ତା'ର ବାର୍ଷିକ କ୍ରୀଡା ଉଦ୍ଘାଟନୀ ଉତ୍ସବ ଢେଙ୍କାନାଳ ଷ୍ଟାଡିଅମ ପ୍ରାଙ୍ଗଣରେ ଖୁବ୍ ଆକର୍ଷଣୀୟ ଭାବେ ପାଳନ କରିଛି । ଏହି ଉତ୍ସବରେ ଜିଲ୍ଲା କ୍ରୀଡା ସଂଗଠନର ସମ୍ପାଦକ ଶ୍ରୀଯୁକ୍ତ ନଳିନୀ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଧ୍ୱଜା ଉତ୍ତୋଳନ କରିଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ ଢେଙ୍କାନାଳ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ଦୟାନିଧି ପାତ୍ର । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତୀ ଦେହୁରୀଙ୍କ ସଭାପତିତ୍ୱରେ ସକାଳ ୧୦ ଘଟିକାରେ ଏକ ସଭାର ଆୟୋଜନ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ପିଲାମାନଙ୍କୁ ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ ଓ ଭବିଷ୍ୟତ ଜୀବନରେ ଏହାକୁ ପେଷାକରି ଜୀବନ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟାନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଶ୍ରୀମତୀ କୁର୍ଷିଦା ବେଗମ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପରିଡା ଓ ସପ୍ତସଜ୍ୟା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ଦାସ । ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ ବେହେରାଙ୍କ ନେତୃତ୍ୱରେ ପରିଚାଳିତ ଏହି ଉତ୍ସବଟି ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ ସାଫଲ୍ୟମଣ୍ଡିତ ହୋଇପାରିଥିଲା ।

# କୋଶଳ ଉଚ୍ଚ ବିଦ୍ୟାଳୟ ସୋନପୁରରେ ମାତୃପିତୃ ପୂଜନ ଦିବସ ପାଳିତ




■ **ସୁବର୍ଣ୍ଣପୁର** : ସୁବର୍ଣ୍ଣପୁର ସହରର ପଟାଭାଡ଼ି ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ବହୁ ଆଡମ୍ବର ସହକାରେ ପୂଜ୍ୟ ପୁଝାରୀ ମାତୃ ପିତୃ ପୂଜନ ଉତ୍ସବ ଅତି ଆନନ୍ଦ ସହକାରେ ପାଳନ କରାଯାଇଛି । ପାଖାପାଖି ୬ଟି ଜିଲ୍ଲାରୁ ଅଧ୍ୟୟନ କରୁଥିବା ୪୦୦ ଛାତ୍ରଛାତ୍ରୀଙ୍କ ପିତାମାତା ସାମିଲ ହୋଇଥିଲେ । ଫେବୃୟାରୀ ୧୪କୁ ଅଧିକାଂଶ ସ୍ଥାନରେ ପାଶ୍ଚାତ୍ୟ ସଂସ୍କୃତି ଅନୁଯାୟୀ ଭାଲେଣ୍ଟାଇନ ଡେ ଭାବରେ ପାଳନ କରି ଆସୁଛନ୍ତି ହେଲେ ପ୍ରକୃତରେ ଭାରତୀୟ ସଂସ୍କୃତି ପରମ୍ପରା ଅନୁଯାୟୀ ଆଜି ପିତୃମାତୃ ପୂଜନ ଦିବସ ଭାବରେ ନୁଆଁ ଢଙ୍ଗରେ ପାଳନ କରାଗଲା । ନିଜର ସନ୍ତାନ ନିଜର ପିତାମାତାଙ୍କ ପାଦ ଧୋଇ ଆଶିଷ ଲାଭ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯେ ପାଶ୍ଚାତ୍ୟ ସଂସ୍କୃତିକୁ ଲୋପ କରି ନୂତନ ଭାବରେ ସମାଜକୁ ଏକ ଦିଗଦର୍ଶନ ହେଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଉପସ୍ଥିତ ରହି ପିତାମାତାଙ୍କ ଗୁଣ ଗାରିମା ସମ୍ପର୍କରେ ଶିଶୁଙ୍କୁ ଅବଗତ କରାଇଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାୟକ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀଯୁକ୍ତ ଦୁର୍ଗାଦତ୍ତ ପଣ୍ଡା ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଭିଭାବକ ମାନଙ୍କ ମାନଙ୍କୁ ବଚନ ମାଧ୍ୟମରେ ଆଦୃତ କରିପାରିଥିଲେ । ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ମଧ ଅନୁଷ୍ଠିତ ହୋଇଥିଲା ଏଥିରେ ୫୦ ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶ୍ରୀକ୍ଷେତ୍ର ପୁରୀରୁ ଏକ ଟିମ ଅଣାଯାଇ ମାଗଣା ସ୍ୱାସ୍ଥ୍ୟର ପରୀକ୍ଷା କରାଯାଇଥିଲା । ସମସ୍ତେ ବହୁ ଆନନ୍ଦ ସହକାରେ ଭାଗନେଇଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପରମା ନାଏକ ସ୍ୱଗତ ଅଭିଭାଷଣ ରଖିବା ସହିତ ଦିବସର ତାତ୍ପର୍ଯ୍ୟ ବିଷୟରେ ସବିଶେଷ ବିବରଣୀ ପାଠ କରିଥିଲେ । ଶ୍ରୀଯୁକ୍ତ ସଞ୍ଜୟ କୁମାର ସାହୁ ସମ୍ପାଦକ ଅତିଥିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ ।ବିଦ୍ୟାଳୟର ବୁଲି ବିଶ୍ୱାଳ, ପ୍ରମୋଦ ସାହୁ, ଶ୍ରୀତମ ସାମଲ, ମଧୁସୂଦନ ପଧାନ, କାମିନୀ ଜେନା, ତତ୍ତ୍ୱଦର୍ଶୀ ମେଣ୍ଡିଲି, ରୁପା ପଧାନ, ଦିପ୍ତିମୟୀ ପାଳିଆ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ ।ସୁଶ୍ରୀ ସ୍ମିତାରାଣୀ ନାୟକ ମଞ୍ଚପରିଚାଳନା କରିଥିଲେ ।

# ସର୍ବଶ୍ରେଷ୍ଠ ଉପହାର

**॥ ଶିବାଶିଷ ପାଢ଼ୀ ॥**

ବହୁତ ଧୁମ୍‌ଧାମରେ ପାଳନ ହେଲା ଝିଅର ଜନ୍ମଦିନ ! ଯେମିତି ଭାବିଥିଲେ ଠିକ ସେମିତି । ବହୁତ ଖୁସି ଥିଲେ ଅରୁଣିତା । କିଏ କିଏ ଆସିହିଲେ କିଏ ଆସି ନଥିଲେ ସେସବୁ ମନେ ପକାଉଥିଲେ । ବସିଥିଲେ ସାମ୍ନା ସୋଫାରେ ଯେଉଁଠି ରଖା ହୋଇଥିଲା ଉପହାରସବୁ ।

ଗୋଟେ ଦିଟାକୁ ତ ଖୋଲି ଦେଇଥିଲା ଝିଅ । ବାହାର କରି ନେଇଥିଲା ବାର୍ବୀ ଡଲ, ଡାକ୍ତର ସେଟ ଏବଂ ଆଉ କିଛି ଖେଳଣା । ସେତକରେ ଲାଗି ପଡିଥିଲା ସେ । ସେଇ ଟେବୁଲ ପାଖରେ ହିଁ ସେ ସଜାଇ ଦେଇଥିଲା ତାର ଛୋଟ ଦୁନିଆଁ ।ଆଉ ସେ ଦୁନିଆଁ ଭିତରେ ହଜି ଯାଇଥିଲା ସେ ।

ଅରୁଣିମା କିନ୍ତୁ ନିଜ ଦୁନିଆଁରେ ମସଗୁଲ ଥିଲେ। ଟେଣ୍ଟ ଜିନିଷ ସବୁକୁ ଗଣୁଥିବା ତନ୍ମୟଙ୍କୁ ଡାକୁଥିଲେ ବାରମ୍ବାର ।

କହୁଥିଲେ -ଆରେ ଆସ ପ୍ରଥମେ ଏଇ କାମ କରିବା। ଗିଫ୍ଟଗୁଡିକ ଖୋଲିକି ଦେଖିବା କିଏ କଣ ଦେଇଛି । ମୋ ଏକ୍ସସାଇମେଣ୍ଟକୁ ବଢ଼ାଅନି ଆଉ।

ଏତେ ଚକାଚକ ହୋଇ ଆସିଥିଲେ ସମସ୍ତେ। ଖାଇଲେ ବି ତ ମନଭରି !ଏବେ ଦେଖିବା ଦେଇଛନ୍ତି କଣ ? ଏବେ ଏସବୁ ଦେଖିବାର ଇଛା ନଥିଲା ତନ୍ମୟଙ୍କର କିନ୍ତୁ ଆଜି ଭଳିଆ ଦିନରେ ଅରୁଣିମାଙ୍କ ମନଦୁଃଖ କରିବାକୁ ବି ଚାହୁଁ ନଥିଲେ ସିଏ । ଏଣୁ ବାଧ୍ୟ ହୋଇକି ଆସି ବସିଲେ ତନ୍ମୟ ।

ତାଙ୍କୁ କିନ୍ତୁ ଅପେକ୍ଷା କରି ନଥିଲେ ଅରୁଣିମା ।

ଖୋଲି ଚାଲିଥିଲେ ପ୍ୟାକେଟସବୁ । ଆଉ ନାଁକୁ ପଢି ପଢି କେତେବେଳେ ପ୍ରଶଂସା କରୁଥିଲେ ତ କେତେବେଳେ ଅସନ୍ତୋଷ ପ୍ରକାଶ କରୁଥିଲେ । ଚୁପଚାପ ବସିଥିଲେ ତନ୍ମୟ । କେବଳ ହସି ଦେଇ ସହମତି ଦେଉଥିଲେ ସେ ।

ଠିକ ସେତିକି ବେଳକୁ ଗୋଟିଏ ଛୋଟ ପ୍ୟାକେଟକୁ ଖୋଲିଥିଲେ ଅରୁଣିମା ।ପ୍ୟାକେଟକୁ ଧରୁଧରୁ ନାଁ ଟି ପଢିଥିଲେ -ନିରାକାର ପତି । ପ୍ୟାକେଟ ଉପରୁ ଉପରୁ ହିଁ କିଛି ଅନୁମାନ କରି ନେଇ ବିରକ୍ତ ହେଉଥିଲେ ସେ।

କହିଥିଲେ - ଜାଣିଛ, ଏମାନେ ସାତ ଜଣ ଆସିଥିଲେ। ଖାଇଲା ବେଳେ ଆଗ ଖାଇଥିଲେ ! ଦେଖୁଛ କଣ ଦେଇଛନ୍ତି ।

ପ୍ୟାକେଟରୁ ବାହାରିଥିଲା ଏକ ଛୋଟ କଣ୍ଢେଇ ସେ କଣ୍ଢେଇକୁ ଦେଖୁଁ ଦେଖୁଁ ଯେମିତି ଅରୁଣିତାଙ୍କ ରାଗ ଆକାଶକୁ ଛୁଁ ଥିଲା ।

କହିଥିଲେ - ଏହାର ଦାମ କେତେ ହେବ ଜାଣିଛ ? ପଚାଶ ବି ହେବନାହିଁ ! କ'ଣ କରିବ । ଆଜିକାଲି ଲୋକଙ୍କୁ ଲାଜ ବି ଲାଗୁନାହିଁ । ମୁଁ ତ ମନା କରୁଥିଲି । ଜବରଦସ୍ତ ଡାକିଲ ସିନା....

ଦୋଷ ଦେଉଥିଲେ ତନ୍ମୟଙ୍କୁ ହେଲେ ତନ୍ମୟ ବୋଧେ ଶୁଣୁ ନଥିଲେ କିଛି ।ସେ କଣ୍ଢେଇକୁ ନେଇ ଓଲଟପାଲଟ କରି ଦେଖୁଥିଲେ ସେ ।

ମନେ ପଡ଼ି ଯାଉଥିଲା ଶଯ୍ୟାଶାୟୀ ନିରାକାର ମଉସାଙ୍କ ଅବସ୍ଥା ଏବଂ ତାଙ୍କ ଘରର ଆର୍ଥିକ ସ୍ଥିତି ତାସହ ମନେ ପଡ଼ି ଯାଉଥିଲା ପୁରୁଣା ଦିନର କଥା ।

ସମୟଥିଲା ବ୍ଲକ କଲୋନୀର ପାଖାପାଖି କ୍ୱାଟରରେ ରହୁଥିଲେ ସେମାନେ । ସର୍ବଦା ନିଶାରେ ଚୁର ରହୁଥିବା ବାପାଙ୍କ ଦରମା ଟଙ୍କା ଉଡି ଯାଉଥିଲା ପବନରେ । ସେଥିରୁ କିଛି ଝିଙ୍କିଆଣି ଘର ଚଳାଉଥିଲା ମା। ହେଲେ ପାରୁ ନଥିଲା ସେ । ସେତେବେଳେ ଏକମାତ୍ର ଭରଷା ଥିଲେ ଏଇ ନିରାକାର ମଉସାଙ୍କ ପରିବାର ।

ଦୁର୍ଘଟଣାରେ ଏକମାତ୍ର ପୁଅର ମୃତ୍ୟୁ ଏବଂ ତାସହ ରୋଗରେ ସଢୁଥିବା ନିରାକାର ମଉସା ଏବଂ ମାଉସୀଙ୍କ ସେ ସ୍ନେହ ଏବଂ ଆଦରକୁ ମନେ ପକାଇ ଝିଅକୁ ଆଶୀର୍ବାଦ ଦେବାପାଇଁ ନିମନ୍ତ୍ରଣ କରିଥିଲେ ତନ୍ମୟ। ସେ ଜାଣୁଥିଲେ ଯେ ଏଇ ପଚାଶ ଟଙ୍କା ପାଇଁ କେତେଥର ଚିନ୍ତା କରିଥିନେ ମଉସା ।

ଏତେକଥା ଜାଣି ନଥିଲେ ଅରୁଣିମା ।ଜାଣି ନଥିଲେ ମାନେ ଏଇ ଦୁଇ ତିନି ବର୍ଷରେ କେବେ ସେ ଇତିହାସ ଖୋଲିବାକୁ ସୁଯୋଗ ପାଇ ନଥିଲେ ତନ୍ମୟ ।

ଏଣୁ ଗାଳି ପରେ ଗାଳି ବର୍ଷା କରୁଥିଲେ ଅରୁଣିମା। ଆଉ ଏପଟେ ତନ୍ମୟଙ୍କ ଆଖି ଛଳଛଳ ହୋଇ ଯାଉଥିଲା ।

ହଠାତ ପାଟିକରି କହିଥିଲେ -ଚୋପ .... ଏଇଟା ହିଁ ଆଜିର ସର୍ବଶ୍ରେଷ୍ଠ ଉପହାର ! କ'ଣ ଜାଣିଛ ତୁମେ ? ? ?

ତୁମକୁ କେବଳ ପଚାଶ ଟଙ୍କା ଦେଖାଯାଉଛି ସିନା ହେଲେ ମୋତେ ଯା ଭିତରେ ଥିବା ଲକ୍ଷ ଲକ୍ଷ ଟଙ୍କା ର ସ୍ନେହ ଶ୍ରଦ୍ଧା ଓ ଆଶୀର୍ବାଦ ବି ଦେଖାଯାଉଛି। ଯେଉଁଟା ତୁମକୁ ଦେଖାଯାଉନି କି ଦେଖା ଯିବ ନାହିଁ ମଧ୍ୟ।

ତନ୍ମୟଙ୍କ ଏଭଳିଆ ରୁପ କେବେ ଦେଖି ନଥିବା ଅରୁଣିମା ଚୁପ ହୋଇ ଯାଇଥିଲେ ହଠାତ ।ଝିଅ ବି ବୋଧେ ଚମକି ଯାଇଥିଲା ସେ ବି ଦୌଡ଼ିଆସି ତନ୍ମୟଙ୍କ କୋଳକୁ ଡେଇଁ ପଡିଲା।

କିନ୍ତୁ କାନ୍ଦି ଚାଲିଥିଲେ ତନ୍ମୟ । କାନ୍ଦିକାନ୍ଦି ଖୋଲୁଥିଲେ ଇତିହାସ ଏବଂ ସେ ଇତିହାସ ଅରୁଣିମାଙ୍କ ଆଖିକୁ ବି ଭିଜେଇ ଚାଲିଥିଲା ।ମୁଣ୍ଡ ତଳକୁ କରି ଲୁହ ପୋଛୁଥିଲେ ସେ ।

ଝିଅ କିନ୍ତୁ କଣ ବୁଝିଲା କେଜାଣି ସେ କଣ୍ଢେଇକୁ ଧରି ମହାଆନନ୍ଦରେ ଚାଲିଯାଇଥିଲା ସେ !

*

ହେମଗିର, ସୁନ୍ଦରଗଡ

ଦୂରଭାଷ : ୯୭୭୮୧୭୪୯୭୮

# ଆସ ଆମେ ହଜି ଯିବା

**॥ ସୁଚିତ୍ରା ଜେନା ॥**

ସ୍ୱପ୍ନର କ'ଣ ଚିହ୍ନ ଥାଏ କି
ଦେଖେଇ ଦେବି ତୁମେ ଆସିଥିଲ ବୋଲି ?
ନା ସମୟକୁ ଫେରେଇ ହୁଏ
ପ୍ରମାଣିତ କରିବାକୁ
ଯାହା ଘଟିଥିଲା ରାତିରେ ଗତ କାଲି ।।
ତୁମକୁ ମନା କରିଥିଲି
ଆସିବାକୁ ମୋ ସାମ୍ନାକୁ
ମୋ ସ୍ୱପ୍ନକୁ ...।
ମୋ ତମାମ୍ ଜୀବନର ପ୍ରତିଟି କ୍ଷେତ୍ରକୁ ।।

ତୁମେ କିନ୍ତୁ ଆସୁଥାଅ ଅବାଧରେ
ନୀରବରେ
ନିରୋଳାରେ
ମୋ ଏକଲା ପଣର ସୁଯୋଗ ପାଇ ।
ସ୍ମୃତି ସବୁକୁ ସାଥିରେ ନେଇ ।।

ପାରୁଚ ତ ମାପି
ସମାଜ ଆଖିରେ
ତୁମ ମୋ ଭିତରେ,ଦୂରତା କେତେ ?
ତୁମ -ମୋ ଆଖିରେ, ନିବିଡ଼ତା କେତେ ?

ତରାଜୁରେ ତଉଲି ହୁଏ ତୁମ - ମୋ ଦେହର ଓଜନ।
ବିଚ୍ଛେଦରେ ବାରି ହେଉ ନାହିଁ ତୁମ - ମୋ ଭିତରେ
କେତେ ବ୍ୟବଧାନ ।।

ଦୂରେଇ ତ ଯାଇଚେ ଦୁନିଆ ଆଖିରେ ।
ଆସ ଆମେ ହଜି ଯିବା ଅନ୍ଧାର ଭିତରେ ।।
ସପନେ ନଆସି ଆସ ଯଦି ଆସିବାର ଅଛି ଥରେ ସତରେ
ଦୁହେଁ ଆମେ ହଜି ଯିବା ଆପଣା ଭିତରେ ।।

*

କଟକ

# ନଈକୂଳରେ ପ୍ରିୟା

## (ଏକ କଳ୍ପନା ବିଳାସ)

**॥ ପ୍ରସାଦ ପଣ୍ଡା ॥**

ନିଛାଟିଆ ନଈ
କୂଳେ ବସିଥିବା
ନଥିବେ କୁଆଡ଼େ କେହି...
ସୁଲୁସୁଲୁ ନଈ
କୂଳିଆ ପବନ
ବହୁଥିବ ଦେହଛୁଇଁ...
ଚୁପଚାପ ହୋଇ
ବସିଥିବା ଦୁହେଁ
ଚହଲା ପାଣିକୁ ଚାହିଁ...
ସପନ ରାଇଜେ
ଉଡ଼ି ବୁଲୁଥିବା
ହାତ ଧରାଧରି ହୋଇ ।

କୁଳୁକୁଳୁ ହୋଇ
ନଈ ଗାଉଥିବ
ମନ ମତାଣିଆ ଗୀତ...
ଚୁପିଚୁପି ମନେ
ମନେ ହସୁଥିବୁ
ମୋ ହାତରେ ରଖି ହାତ...
ଅସ୍ତାଚଳଗାମୀ
ରବିଙ୍କ କିରଣେ
ଲାଗୁଥିବୁ ଅପସରୀ...
ଅଜନ୍ତା ଏଲୋରା
ଅବା କୋଣାର୍କର
ରୂପସୀ ନଟୀଟେ ପରି ।

ଯେଉଁ ତିଥି ବାର
ଅବା ଋତୁ ହେଉ
ହେଲେ ହେଉ ଯେଉଁ ମାସ...
ପାଖରେ ତୁ ଥିଲେ
ମୋ ମନରେ ଛୁଟେ
ଲକ୍ଷେ ଫଗୁଣର ବାସ...
ଅନ୍ଧାର ଓଢ଼ଣୀ
ଘୋଡ଼େଇ ହେଇକି
ସଞ୍ଜ ଆସୁଥିବ ନଇଁ...
ନିରୋଳାରେ ତତେ
ପାଇ କେତେ ଇଚ୍ଛା
ମନେ ଉଠୁଥିବେ ଚେଇଁ ।

ସଞ୍ଜର ବୟସ
ଗଡ଼ି ଯାଉଥିବ
ମାଡ଼ି ଆସୁଥିବ ରାତି...
ତୋ ଛୁଆଁର ନିଆଁ
ଚରି ଯାଉଥିବ
ବଢ଼ି ଯାଉଥିବ ତାତି...
ହାତରେ ତୋ ହାତ
ନେଇ ଆବେଗରେ
ଦେବି ଯେବେ ଧିରଚାପ...
ହାତଟା ଛଡ଼େଇ
ଲାଜେଇ କହିବୁ
'ନା ଥାଉ, ଏ ସବୁ ପାପ' ?

ଅବସରପ୍ରାପ୍ତ ଅତିରିକ୍ତ
ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ
ଓଡ଼ିଶା ସରକାର ।

# ଏଇ ଆମ ଗାଁ

**॥ ସଞ୍ଜୀୟ କୁମାର ଦାସ ॥**

ଗାଁଟି ଆମର ଭାରି ସୁନ୍ଦର
ହଜାଇ ଦିଏ ମନ ଆମର
ସେଇ ଗାଁ ଆମ ଜନମ ମାଟି
ଅତି ସୁନ୍ଦର ତା'ର ପରିବେଶଟି
ମଣିଷ ପରି ଗଢ଼ି ତୋଳିଛି
ନ କରି ଆଶା ପଡ଼ି ରହିଛି।
ଗାଁର କ୍ଷେତ ସୁନାମୁକୁଟ
ତାକୁ ଦେଖି ମନ ହୁଏ ଉନାଟ
ବାଡ଼ି ଗଛ ଆମ୍ବ, ପିଜୁଳି, ନଡ଼ିଆ
ଗାଁ ଜାମୁକୋଳି ଭାରି ବଢ଼ିଆ
ଜେଜେ ମା କାହାଣୀ ଜେଜେଙ୍କ ଚାହାଣୀ
ଅତି ସୁନ୍ଦର ଯାହା ମନ ନିଏ ଟାଣି
ବାପାଙ୍କ ଛାଟ ବୋଉ ଆକଟ
ଗଢ଼ି ତୋଳି ହେଲୁ ଆମେ ସଚ୍ଚୋଟ
ଗାଁର ନଦୀ, ନାଳ, ଗଡ଼ିଆ
ଭାରି ମନ ପଡ଼େ ଖେଳ ପଡ଼ିଆ
ମଠ, ମନ୍ଦିର ପୁରି ରହିଛି
ଭକ୍ତି ଭାବନା କେତେ ଶିଖାଇଛି
ସକାଳର ଧୂପ, ସନ୍ଧ୍ୟାର ସଞ୍ଜ
ଲୋଭନୀୟ କରେ ନନାଙ୍କ ଶ୍ଳୋକ
ବାରମାସର ତେର ପରବ
ବଢ଼ାଇ ଦିଏ ଆମ ଗରବ।
ରଜ, ଦଶହରା, ଦୋଳ ଅଭିର
ମତୁଆଲା କରେ ମନ ଆମର
ଆରିସା, କାକରା ପିଠାର ବାସନା
ଭାରି ଭଲ ଲାଗେ ଭୁଲି ହୁଏନା
ହସି, ଖେଳି, ବୁଲି ବଡ଼ ହୋଇଲୁ
ପର କରି ଦେଇ ଚାଲି ଆସିଲୁ
ଗାଁ ପରିବେଶ ଗାଁ ମମତା
ଭୁଲି ହୁଏ ନା ସଦା ସର୍ବଦା
ତଥାପି ନିରାଶ କରେନି ସେଇ
ଫେରିଗଲେ ପାଶେ ନିଏ କୋଳେଇ
ଗାଁଟି ଆଉର ଭାରି ସୁନ୍ଦର
ହଜାଇ ଦିଏ ମନ ଆମର ॥

*

Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha), Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ